আজি - ମଙ୍ଗଳବାର
ତାରିଖ - ୨୮ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୧୫
ତିଥି - ଦ୍ୱାଦଶୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଉ.ଫାଲ୍‌ଗୁନୀ, କନ୍ୟା, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୨୪: ୦୦
ସୂର୍ଯ୍ୟାସ୍ତ - ୬ : ୦୪ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପିଲାଟିଏ ଭବିଷ୍ୟତରେ କ'ଣ ହେବ, ତାକୁ ନେଇ ଆମେ ଚିନ୍ତିତ ହୋଇପଡୁ, କିନ୍ତୁ ଭୁଲିଯାଉ ଯେ ଆଜି ବି ସେ ଜଣେ ମଣିଷ । "

- ଜବାହାରଲାଲ୍ ନେହରୁ


E-News : www.Ajikali epaper.com

Vol.- 41 ISSUE- 15 R.N.I. REGD. No. 44026/86 ବାଲେଶ୍ୱର ୨୮ ଅପ୍ରେଲ ୨୦୨୬ ମଙ୍ଗଳବାର BALASORE 28 APRIL 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ପାଂଚ ଦିନିଆ ସିମଲା ଗସ୍ତରେ ଗଲେ ରାଷ୍ଟ୍ରପତି



ସିମଲା : ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହିମାଚଳ ପ୍ରଦେଶକୁ ପାଂଚଦିନିଆ ଗସ୍ତରେ ଯାଇ ସୋମବାର ଦିନ ଶିମଲାରେ ପହଂଚିଛନ୍ତି । ରାଜଧାନୀ ସିମଲାର ଅନାଡେଲ ହେଲିପ୍ୟାଡରେ ରାଜ୍ୟର ଶୀର୍ଷ ନେତୃତ୍ୱ ଏବଂ ବରିଷ୍ଠ ସେନା ଅଧିକାରୀମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ରାଷ୍ଟ୍ରପତି ଶିମଲାରେ ପହଂଚିବା ପରେ ହିମାଚଳ ପ୍ରଦେଶର ରାଜ୍ୟପାଳ କବିନ୍ଦର ଗୁପ୍ତା, ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ, କ୍ୟାବିନେଟ ମନ୍ତ୍ରୀ ଅନିରୁଦ୍ଧ ସିଂ, ରାଜ୍ୟସଭା ସାଂସଦ ସୁରେଶ କଶ୍ୟପ ଏବଂ ବିଧାନସଭା ବାଚସ୍ପତି କୁଳଦୀପ ସିଂ ପଠାନିଆ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେନା ତରଫରୁ ସେନା ତାଲିମ କମାଣ୍ଡ (ଆରଟ୍ରେକ)ର ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଂଟ ଜେନେରାଲ ଦେବେନ୍ଦ୍ର ଶର୍ମା ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ । ସିମଲାରେ ପହଂଚିବା ପରେ ରାଷ୍ଟ୍ରପତି ସିଧା ମଶୋବରା ସ୍ଥିତ ରାଷ୍ଟ୍ରପତି ଭବନ ଅଭିମୁଖେ ଯାତ୍ରା କରିଥିଲେ, ଯେଉଁଠାରେ ସେ ତାଙ୍କ ରହଣି ସମୟରେ ରହିବେ । ଏହି ଗସ୍ତ ରାଷ୍ଟ୍ରପତିଙ୍କ ଗ୍ରୀଷ୍ମକାଳୀନ ଯାତ୍ରାର ଅଂଶବିଶେଷ, ଯାହା ଅପ୍ରେଲ ୨୭ ରୁ ମଇ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ କାର୍ଯ୍ୟସୂଚୀ ବ୍ୟସ୍ତବହୁଳ ହେବାକୁ ଯାଉଛି । ଅପ୍ରେଲ ୨୮ ତାରିଖରେ ସେ ଶିମଲାର ରାଜଭବନ ସ୍ଥିତ ଲୋକ ଭବନରେ ରାଜ୍ୟପାଳଙ୍କ ଦ୍ୱାରା ଆୟୋଜିତ ଔପଚାରିକ ଭୋଜିରେ ଯୋଗଦେବେ, ଯେଉଁଠାରେ ରାଜ୍ୟର ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ । ଅପ୍ରେଲ ୨୯ ତାରିଖରେ ରାଷ୍ଟ୍ରପତି କୁଲ୍ଲୁ ଠାରେ ଥିବା ଅଟଳ ସୁଡ଼ଙ୍ଗ ପରିଦର୍ଶନ କରିବେ ଏବଂ ଲାହୌଲ ସ୍ପିତି ଜିଲ୍ଲାର ସିସୁ ଠାରେ ସୀମା ସଡ଼କ ସଂଗଠନ (ବି. ଆର. ଓ.) ର ଅଧିକାରୀମାନଙ୍କ ସହ ଏକ ବୈଠକରେ ପ୍ରକଳ୍ପର ସମୀକ୍ଷା କରିବେ ।

## ପଶ୍ଚିମବଙ୍ଗ ବିଜୟ ସଂକଳ୍ପ ରାଲିକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

କୋଲକାତା: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରଚାର ଆଜି ଶେଷ ହେବାକୁ ଯାଉଛି । ଉତର ୨୪ ପରଗଣା ଜିଲାରେ ଅବସ୍ଥିତ ବାରାକପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ 'ବିଜୟ ସଂକଳ୍ପ ରାଲି' (ବିଜୟ ପ୍ରତିଜ୍ଞା ରାଲି)କୁ ସମ୍ବୋଧିତ କରିଛନ୍ତି । ବିଧାନସଭା ନିର୍ବାଚନ ପରେ ପଶ୍ଚିମବଙ୍ଗରେ ବିଜେପି ପରବର୍ତୀ ସରକାର ଗଠନ କରିବ ଏବଂ ମେ' ୪ ତାରିଖରେ ଫଳାଫଳ ଘୋଷଣା ହେବା ପରେ ସେ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ । ବିଧାନସଭା ନିର୍ବାଚନର ଦ୍ୱିତୀୟ ଏବଂ ଅନ୍ତିମ ପର୍ଯ୍ୟାୟ ପ୍ରଚାରର ଶେଷ ଦିନରେ ପ୍ରଧାନମନ୍ତ୍ରୀ ଉତର ୨୪ ପରଗନା ଜିଲ୍ଲାର ବାରାକପୁରରେ ଏକ ରାଲିକୁ ସମ୍ବୋଧିତ କରୁଥିଲେ । ସେ ଶାସକ ତୃଣମୂଳ କଂଗ୍ରେସ ଉପରେ ବର୍ଷିଥିଲେ । ଟିଏମସି ଏକ 'ସିଣ୍ଡିକେଟ ରାଜ', ରାଜନୈତିକ ହିଂସା ଏବଂ ଆର୍ଥିକ ପଛୁଆ ନୀତି ଚଳାଇଛି ବୋଲି ଅଭିଯୋଗ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ମୁଁ ଯେଉଁ ପରିବେଶ ଅନୁଭବ କରୁଛି , ତାହା ଦେଖି ମୁଁ କହିପାରିବି ଯେ, ୪ ମେ' ପରେ



ମୋତେ ପୁଣି ଥରେ ବିଜେପି ସରକାରଙ୍କ ଶପଥ ଗ୍ରହଣ ସମାରୋହକୁ ଆସିବାକୁ ପଡିବ । ବାରାକପୁରର ଐତିହାସିକ ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହି ଭୂମି ୧୮୫୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗରେ ରାଜନୈତିକ ପରିବର୍ତ୍ତନର ମୂଳଦୁଆ ପକାଇବାକୁ ଯାଉଛି । ଭାରତର ସାମଗ୍ରିକ ବିକାଶ ପାଇଁ ପଶ୍ଚିମବଙ୍ଗର ପ୍ରଗତି ଅତ୍ୟନ୍ତ ଜରୁରୀ । ପୂର୍ବାଂଚଳର ଉତାନ ଦେଶର ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପଶ୍ଚିମବଙ୍ଗର ସେବା, ସୁରକ୍ଷା ଏବଂ ରକ୍ଷା କରିବା ମୋର ଭାଗ୍ୟ ଏବଂ କର୍ତବ୍ୟ । ପଡ଼ୋଶୀ ରାଜ୍ୟଗୁଡ଼ିକରେ ବିଜେପିର ବିଜୟକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଓଡ଼ିଶା ଏବଂ ବିହାର ପରେ, ଏଥର ପଶ୍ଚିମବଙ୍ଗରେ ମଧ୍ୟ ପଦ୍ମ ଫୁଟିବ ।

## ଓଡ଼ିଶାର 'ଡାଲମା' ଖାଇଲେ ଜାପାନ ରାଷ୍ଟ୍ରଦୂତ

### ଜାପାନ ଓ ଓଡ଼ିଶାର ବନ୍ଧୁତା ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ



JSW ଓ ଜାପାନର JFE Steel ମଧ୍ୟରେ ଏକ ଜଏଂଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି (Mr ONO Keiichi) ମଧ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, ''ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।''ରାଷ୍ଟ୍ରଦୂତ ମିଷ୍ଟର ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଢ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) । ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।

## ବିଶକେକ ଏସ୍‌ସିଓ ବୈଠକରେ ଯୋଗଦେବେ ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ: ମଙ୍ଗଳବାର ଦିନ କିର୍ଗିଜସ୍ତାନର ରାଜଧାନୀ ବିଶକେକରେ ଅନୁଷ୍ଠିତ ହେବାକୁ ଥିବା ସଂଘାଇ ସହଯୋଗ ସଂଗଠନ ବୈଠକରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେବେ । ପ୍ରତିରକ୍ଷା ମନ୍ତ୍ରୀଙ୍କ ଏହି ବୈଠକରେ ସେ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବେ । ସେ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଏହି ସୂଚନା ସେୟାର କରିଛନ୍ତି ।ବୈଠକ ଅବସରରେ, ପ୍ରତିରକ୍ଷା ମନ୍ତ୍ରୀ କିଛି ସଦସ୍ୟ ଦେଶର ତାଙ୍କ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବା ଉପରେ ଆଲୋଚନା କରି ଦ୍ୱିପାକ୍ଷିକ ଆଲୋଚନା କରିବାର ମଧ୍ୟ ଆଶା କରାଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ସୋସିଆଲ ମିଡିଆ ପୋଷ୍ଟରେ କହିଛନ୍ତି ଯେ ସେ ବିଶ୍ୱ ସୁରକ୍ଷା ଚ୍ୟାଲେଞ୍ଜ ମଧ୍ୟରେ ବିଶ୍ୱ ଶାନ୍ତି ପ୍ରତି ଭାରତର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିବେ । ପ୍ରତିରକ୍ଷା ମନ୍ତ୍ରୀ ଜୋର ଦେଇଛନ୍ତି ଯେ, ସେ ଆତଙ୍କବାଦ ଏବଂ ଉଗ୍ରବାଦ ପ୍ରତି ଦେଶର ଶୂନ୍ୟ ସହନଶୀଳତାର ଦୃଢ଼ ମନୋଭାବ ମଧ୍ୟ ପ୍ରକାଶ କରିବେ । ରିପୋର୍ଟ ହୋଇଛି ଯେ ଏହି ବୈଠକ ଏପରି ଏକ ସମୟରେ ହେଉଛି



ଯେତେବେଳେ ପଶ୍ଚିମ ଏସିଆରେ ଚାଲିଥିବା ଉତେଜନା ବିଶ୍ୱ ସ୍ତରରେ ଭୂରାଜନୈତିକ ଅସ୍ଥିରତା ସୃଷ୍ଟି କରିଛି । ଫଳସ୍ୱରୂପ, SCO ଦେଶଗୁଡ଼ିକ ବର୍ତମାନର ସଂଘର୍ଷର ପ୍ରଭାବକୁ ହ୍ରାସ କରିବା ପାଇଁ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା କରିପାରନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ, ୫ଉଡ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷା ମନ୍ତ୍ରୀମାନେ ଆଂଚଳିକ ସୁରକ୍ଷା, ପ୍ରତିରକ୍ଷା ସହଯୋଗ ଏବଂ ଅନ୍ତର୍ଜାତୀୟ ଶାନ୍ତି ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ । ବିଶେଷକରି, ଆତଙ୍କବାଦ ବିରୋଧୀ, ଆଂଚଳିକ ସ୍ଥିରତା ଏବଂ ପାରସ୍ପରିକ ସହଯୋଗକୁ ସୁଦୃଢ଼ କରିବା ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯିବ ।




# ଅନୁଷ୍ଠିତ ହେଲା ଫକୀର ମୋହନ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ୩୨ତମ ବାର୍ଷିକ ସମାରୋହ

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦର ୩୨ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ସଭାଗୃହରେ ଆୟୋଜିତ ଏହି ଉତ୍ସବରେ ସମୟର ସ୍ରୋତରେ ହଜି ଯାଇଥିବା ଅତୀତର ସ୍ମୃତି ପୁଣି ଥରେ ଜୀବନ୍ତ ହୋଇ ଉଠିଥିଲା । ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଗାରିମାମୟ ସଭାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ ?ଘାଟନ କରିଥିଲେ । ସଭା ଆରମ୍ଭରେ ସଭାପତି ଡାକ୍ତର ଚୌଧୁରୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଂସଦର ଆଦର୍ଶ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ । ଏହା ପରେ ପରେ ସଂସଦର ସଂଗଠକ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଘୋଷ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରି ବର୍ଷସାରା ଅନୁଷ୍ଠାନ ପକ୍ଷରୁ ସମ୍ପାଦିତ ବିଭିନ୍ନ ସମାଜସେବାମୂଳକ ଓ ଶୈକ୍ଷିକ କାର୍ଯ୍ୟକ୍ରମର ଏକ ସବିଶେଷ ଚିତ୍ର




ଉପସ୍ଥାପନ କରିଥିଲେ । ?ମୁଖ୍ୟ ଅତିଥି ପ୍ରଫେସର ତ୍ରିପାଠୀ ନିଜ ଅଭିଭାଷଣରେ ଶିକ୍ଷାୟତନର ସର୍ବାଙ୍ଗୀନ ବିକାଶରେ ପୁରାତନ ଛାତ୍ରମାନଙ୍କ ଭୂମିକା ଅତ୍ୟନ୍ତ ଗୌରବଜନକ ବୋଲି ପ୍ରକାଶ କରିଥିଲେ । କେବଳ ସେତିକି ନୁହେଁ, ମହାବିଦ୍ୟାଳୟକୁ ଚତୁର୍ବେଣୀ ବୋଲି କହିବା ସହ ସଭିଙ୍କ ସହଯୋଗରେ ଏହା ସମୃଦ୍ଧ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗ ଦେଇ ପୁରାତନ ଛାତ୍ରମାନଙ୍କୁ ଆଗାମୀ ପିଢ଼ିର ପଥପ୍ରଦର୍ଶକ ଭାବେ ଅଭିହିତ କରିବା ସହ ସମୁଦ୍ର ମନ୍ଥନର ଉଦାହରଣ ଦେଇ ପଜେଟିଭ୍ ଏବଂ ନେଗେଟିଭ୍ ସତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟତମ ବରଣ୍ୟ ଅତିଥି ଭାବେ ଫକୀରମୋହନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଦିନେଶ କୁମାର ଦାସ ସଂସଦର ଗଠନାତ୍ମକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ମୁଖ୍ୟ ସମ୍ପାଦକ ଭାବେ ପୁରାତନ ଛାତ୍ର ତଥା ବିଶିଷ୍ଟ ସାହିତ୍ୟିକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଏବଂ ସମ୍ପାଦନା ମଣ୍ଡଳୀର ସର୍ବଶ୍ରୀ ନାଟ୍ୟକାର ତଥା ଶିଶୁ ସାହିତ୍ୟିକ ପୀତାମ୍ବର ଦାସ, ଅନୀଲ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ଘୋଷ, ରମାକାନ୍ତ ମହାନ୍ତି, ଦେବାଶିଷ ପାଣି ଓ ବିନୟ ମହାପାତ୍ରଙ୍କ ମିଳିତ ସମ୍ପାଦନାରେ ପ୍ରକାଶ ପାଇଥିବା ସଂସଦର ବାର୍ଷିକ ମୁଖପତ୍ର 'ପ୍ରାକ୍ତନିକା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ସମାରୋହରେ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକଙ୍କୁ 'ଶିକ୍ଷକ ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୁରାତନ ଛାତ୍ର ବୈଜ୍ଞାନିକ ପ୍ରଫେସର ନାରାୟଣ ଚନ୍ଦ୍ର ପ୍ରଧାନ, ପ୍ରଯୋଜକ ବିଷ୍ଣୁ ଦେବ ହାଲଦାର, ହୃଦରୋଗ ବିଶେଷଜ୍ଞ ଡାକ୍ତର ଯଯାତି କେଶରୀ ପାଢ଼ୀ, ବିଧାୟକ ସନ୍ତୋଷ ଖଟୁଆ ଏବଂ ସ୍ତମ୍ଭକାର ତଥା ସାମ୍ବାଦିକ ଡକ୍ଟର କୁଳମଣି ବାରିକଙ୍କୁ 'ଛାତ୍ର ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା । ଏଥିସହ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ପ୍ରାୟ ୭୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ଉତ୍ସାହିତ କରା ଯାଇଥିଲା । ପ୍ରାରମ୍ଭରେ ଅମୃତାଂଶୁ ପଟ୍ଟନାୟକ ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିଲେ ।ସଭାକାର୍ଯ୍ୟ ପ୍ରାରମ୍ଭରେ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା ପୁରାତନ ଛାତ୍ର ଅମୃତାଂଶୁ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ଏଇ ଭବ୍ୟ ସଭାରେ ସମ୍ବର୍ଦ୍ଧିତ ହୋଇଥିବା ମହାନୁଭବମାନଙ୍କର ମାନପାତ୍ର କଲ୍ୟାଣୀ ନନ୍ଦ, ଚିତ୍ରା ରାଣୀ ପାତ୍ର ପାଠ କରିଥିବା ବେଳେ ଶ୍ରୀତମ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭା ମାନେ ମହାବିଦ୍ୟାଳୟର ଛାତ୍ରଥିବା ସମୟର ଅନୁଭୂତି ବାଂଟିଥିଲେ ।ଉତ୍ସବ ପୂର୍ବରୁ ପ୍ରାତଃକାଳରେ ପତାକା ଉତୋଳନ ଓ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଉପସଭାପତି ଅନସୂୟା ନାୟକ, ଅନୀଲ କୁମାର ପଟ୍ଟନାୟକ, ଡାକ୍ତର ସୁଧାଂଶୁ ପରିଡ଼ାଙ୍କ ସମେତ ଅମୃତାଂଶୁ ପଟ୍ଟନାୟକ, ପୀତାମ୍ବର ଦାସ, ପ୍ରାର୍ଥ ସାରଥୀ ଆଶ, ଦେବାଶିଷ ପାଣି, ଯଶୋଦା ନନ୍ଦନ ଆଶ, ଶ୍ୟାମ ସୁନ୍ଦର ଜେନା,ପ୍ରଶାନ୍ତ କୁମାର ପାଢୀ,କଲ୍ୟାଣୀ ନନ୍ଦ, ଚିତ୍ରା ରାଣୀ ପାତ୍ର, ଶରତ ଚନ୍ଦ୍ର ମିଶ୍ର ଓ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଉପସଭାପତି ଅନସୂୟା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶତାଧିକ ପୁରାତନ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଏହି ଦିବସଟି ଏକ ସ୍ମରଣୀୟ ପୁନର୍ମିଳନ ଉତ୍ସବରେ ପରିଣତ ହୋଇଥିଲା । ଏହି ଦିବସ କେବଳ ଏକ ବାର୍ଷିକ ଉତ୍ସବ ହୋଇ ରହି ନଥିଲା, ବରଂ ବାଲେଶ୍ୱରର ମାଟି ଓ ପାଣିରେ ଗଢ଼ି ଉଠିଥିବା ଏକ ବିଶାଳ ପରିବାରର ସ୍ମରଣୀୟ ପୁନର୍ମିଳନରେ ପରିଣତ ହୋଇଥିଲା । ବିଦାୟ ବେଳେ ପ୍ରତ୍ୟେକ ପୁରାତନ ଛାତ୍ରଙ୍କ ଆଖିରେ ଥିଲା ସୁବର୍ଣ୍ଣ ଅତୀତର ସ୍ମୃତି ଓ ମନରେ ଥିଲା ପ୍ରିୟ ମହାବିଦ୍ୟାଳୟ ପାଇଁ କିଛି କରିବାର ଦୃଢ଼ ସଙ୍କଳ୍ପ । ୩୨ତମ ସ୍ୱ-ନକ୍ଷତ୍ର ଦିବସ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଉପସ୍ଥିତ ସମସ୍ତେ ମତ ପ୍ରକାଶ କରିଥିଲେ ।

# ବାଲେଶ୍ୱରରେ ବନ୍ଧୁକ ମୁନରେ ଦାଦାବଟି: ୪ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ଗିରଫ

ବାଲେଶ୍ୱର(ନି.ପ୍ର.) ବନ୍ଧୁକ ମୁନରେ ଦାଦାବଟି ମାମଲା ରେ , ୪ ଦୁର୍ଦ୍ଦାନ୍ତ ଅଭିଯୁକ୍ତ ଗିରଫ କରିଛି ବାଲେଶ୍ୱର ସଦର ପୋଲିସ । ଏହା ସହ ଗୋଟିଏ ପିସ୍ତଲ ଓ ଗୋଟିଏ ଗୁଳି, ୩ଟି ଧାରୁଆ ଖଣ୍ଡା, ଏବଂ ନଗଦ ୩,୫୦୦ ଟଙ୍କା ଜବ । ଦୀର୍ଘଦିନ ଧରି ସଦର ଥାନା ଅଂଚଳରେ ବନ୍ଧୁକ ମୁନରେ ଦାଦାବଟି ଆଦାୟ କରୁଥିବା ଏକ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି ପୋଲିସ । ଘଟଣାଟି ଘଟିଛି ଗତ ୨୨ ଏପ୍ରିଲ ସକାଳ ପ୍ରାୟ ୧୧ଟା ସମୟରେ । ଗୁଡଦା ଛକ ନିକଟରେ ଚାଲିଥିବା ଏକ ନିର୍ମାଣାଧୀନ ସ୍ଥଳରେ କିଛି ଦୁର୍ବୃତ୍ତ ମାରଣାସ୍ତ୍ର ଧରି ପହଂଚିଥିଲେ । ସେଠାରେ ଉପସ୍ଥିତ ଥିବା ସୁପରଭାଇଜରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ୧୦,୦୦୦ ଟଙ୍କା ଦାଦାବଟି



ମାଗିଥିଲେ । କେବଳ ସେତିକି ନୁହେଁ, ସେମାନେ ଜୋରଜବରଦସ୍ତି ଟଙ୍କା ଛଡ଼ାଇ ନେଇ ସେଠାରୁ ଫେରାର ହୋଇଯାଇଥିଲେ । ଏନେଇ ପ୍ରଦୀପ କୁମାର ପରିଡାଙ୍କ ଅଭିଯୋଗ କ୍ରମେ ସଦର ଥାନାରେ କେସ୍ ନମ୍ବର ୨୪୬/୨୬ରେ ମାମଲା ରୁଜୁ ହୋଇଥିଲା । ବାଲେଶ୍ୱର ସଦର ଏଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଙ୍କ ନେତୃତ୍ୱରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ସଦର ଓ ଗୁଡଦା ଅଂଚଳରୁ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିଛି ।ଗିରଫ ଅଭିଯୁକ୍ତମାନେ ହେଲେ: ୧. ଜୟରାମ ଦାସ ଓରଫ ଜୟ (୩୩) , ୨. ରାକେଶ ଦାସ ଓରଫ ତିତୁଆ (୧୯) ୩. ବିକି ଦାସ ଓରଫ ମିତା (୧୯) , ୪. ମନୋଜ ବେହେରା ଓରଫ ନାଥ୍ୱା (୨୬) । ବିଶେଷ କରି ଜୟରାମ ଦାସଙ୍କ ନାମରେ ପୂର୍ବରୁ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଭଳି ତିନୋଟି ମାମଲା ରହିଛି । ବର୍ତମାନ ପୋଲିସ ଏହି ଘଟଣାରେ ଅଧିକ ଖୋଳତାଡ଼ ଜାରି ରଖିଛି ।

## ମୁଖ୍ୟମନ୍ତ୍ରୀ କପ୍ -୨୦୨୬ ଫୁଟବଲ ତେଲିପାଳ ବାଳିକା ଏସ.ଏସ,ଡି. କ୍ଲବ ବିଜୟୀ

ବାଲେଶ୍ୱର(ନି.ପ୍ର.) ଜିଲ୍ଲା ପ୍ରଶାସନ ,ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବାଲେଶ୍ୱର ଜିଲ୍ଲା କ୍ରୀଡ଼ାସଂଘ ର ମିଳିତ ସହୋଯାଗରେ ପରମିଟ ପଡିଆ,ନୁଆ ଷ୍ଟାଡିୟମ ଠାରେ ମୁଖ୍ୟମନ୍ତ୍ରୀ କପ୍-୨.୦ ଫୁଟବଲ ୧୪ ବର୍ଷ ରୁ କମ୍ ଆଜିର ଖେଳରେ ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା,ବରିଷ୍ଠ ପୁର୍ବତନ କ୍ରୀଡାବିତ ଶ୍ରୀ ମଧୁସୁଦନ ବେହେରା ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିବା ସଂଗେ ସଂଗେଂ ସେମାନଙ୍କ ସହିତ ପରିଚିତ ହୋଇଥଲେ । ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘର ଅନେକ ସଭ୍ୟ , କର୍ମକର୍ତା ,ପୁର୍ବତନ କ୍ରୀଡାବିତ ଏବଂ ବହୁ ଦର୍ଶକ ଯୋଗଦେଇଥିଲେ । ଜିଲ୍ଲାରେ ଥିବା କ୍ରୀଡା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କ୍ରୀଡା ମହୋତ୍ସବର ଅୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ କପ୍ -୨୦୨୬ ଫୁଟବଲ ପ୍ରତିଯୋଗିତା ଆଜି ସକାଳ ବାଳକ ବିଭାଗ ଖେଳ ବାଲେଶ୍ୱର ଫୁଟବଲ ଏକାଡେମୀ ଏବଂ ବାଲେଶ୍ୱର ଟାଉନ କ୍ଲବ ମଧ୍ୟରେ ହୋଇଥିଲା । ଖେଳ ୧-୧ ଗୋଲରେ ଅମିମଂସିତ ଭାବରେ ରହିଥିଲା । ବାଳିକା ଦ୍ୱିତିୟ ଖେଳ ଜିଲ୍ଲା ବାଳିକା କ୍ଲବ ଏବଂ ତେଲିପାଳ ବାଳିକା ଏସ.ଏସ,ଡି. କ୍ଲବ ଦଳ ମଧ୍ୟରେ ହୋଇଥିଲା । ତେଲିପାଳ ବାଳିକା ଏସ.ଏସ,ଡି. କ୍ଲବ ଦଳ ୨-୦ ଗୋଲରେ ଜିଲ୍ଲା ବାଳିକା କ୍ଲବ କୁ ହରାଇ ବିଜୟୀ ହୋଇଥିଲେ । ଏହି ଖେଳକୁ ପ୍ରଦିପ ଦାସ(କାଳିଆ) ,ମାମା ସିଂ, ହୃଦାନନ୍ଦ ଘଡେଇ,ସଂଜୟ ସିଂ,ରାମଦୁଲାଲ ମାରୁଣ୍ଡି, ଏବଂ ମ୍ୟାଚ କମିସନର ଶ୍ରୀ ପ୍ରଦିପ କୁମାର ଦାସ ଖେଳକୁ ସୁଚାରୁରୁପେ ପରିଚାଳନା କରିଥିଲେ ।

# କ୍ଷଣିକ ଉତେଜନାରେ ମାଲିକଙ୍କୁ ଆକ୍ରମଣ: ଗୃହକର୍ତାଙ୍କୁ ଖୋଜୁଛି ଗାଈ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ରେମୁଣା ରେ ଏକ ଭିନ୍ନ ଧରଣର ଦୃଶ୍ୟ ଦେଖିବାକୁ ମିଳିଛି ।ଭୁଲବସତ ଗାଇଟି ଶିଙ୍ଗରେ କଚାଡିଦେବାରୁ ମାଲିକ ଙ୍କ ପ୍ରାଣ ଚାଲିଗଲା, ହେଲେ ଗତ ୧୫ଦିନ ହେବ ପଶ୍ଚାତାପରେ ଖାଦ୍ୟ ଖାଉନି ଗାଇଟି, ଏଭଳି କିଛି ଦୃଶ୍ୟ ରେମୁଣା ଅଂଚଳରେ ଦେଖିବା ପାଇଁ ମିଳିଛି । ମାଲିକ କୁ ଛାଡି ଗାଇଟି ଅନ୍ୟତ୍ର ଯିବା କୁ ଅନିଚ୍ଛା ପ୍ରକାଶ କରୁଥିଲା ।ଗାଇଟି ପଶୁ ହେଲେ ବି ଦୀର୍ଘ ବର୍ଷ ହେବ ଘରର ସଦସ୍ୟ ଭଳି ରହୁଥିଲା,ମାଲିକ ବି ତାକୁ ନିଜ ପରିବାର ଭଳି ସ୍ନେହ ଶ୍ରଦ୍ଧା ଲାଳନ ପାଳନ କରୁଥିଲା, ହେଲେ ଗାଇକୁ ଅନ୍ୟ ଜଣକୁ ଦାନରେ ଦେବା ପାଇଁ ପ୍ରସ୍ତୁତି କୁ ନେଇ ଗାଇଟି ଶିଙ୍ଗରେ କଚାଡିଦେବାରୁ ମାଲିକ ଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଭୁବନେଶ୍ୱର ରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା ।ଯାହାକୁ ନେଇ ପଶ୍ଚାତାପରେ ଗାଇଟି ଏବେ ଖାଇବା ପିଇବା ଛାଡି ପରିତ୍ୟକ୍ତ ସ୍ଥାନରେ ରହିଛି ।ବାଲେଶ୍ୱର ରେମୁଣା ଖୁସାଲିଗଞ୍ଜର ରାମଚନ୍ଦ୍ର ମହାରଣା ତିନୋଟି ଗାଇ ରଖିଥିବା ବେଳେ ଗୋଟିଏ ଗାଇ ଜଣଙ୍କୁ ଦାନ ରେ ଦେଇଥାନ୍ତେ,ହେଲେ ଗାଇଟି ଜାଣି ପାରି ରାଗରେ ନିଜ ସିଂଗରେ ଆକ୍ରମଣ କରି ଥିଲେ,ଏ ଘଟଣା ମଧ ଗତ ୧୩ତାରିଖରେ ସିସିଟିଭି ରେ ରେକର୍ଡ ହୋଇଛି ।ସେଦିନ ସ୍ୱର୍ଗତ ରାମଚନ୍ଦ୍ର କଥା ବାର୍ତା କରୁଥିବା ସମୟରେ



ଗାଇଟି କିଭଳି ଆକ୍ରମଣ କରିବା ପରେ ସେ ନାଳରେ ପଡିଯାଉଛନ୍ତି ଦେଖନ୍ତୁ ।ଆଜି ଭଳି ସଭ୍ୟ ସମାଜ ରେ ମନୁଷ୍ୟ ନିଜର ହିତାହତ ଜ୍ଞାନକୁ ଭୁଲି ବିଭିନ୍ନ ନରକିୟ କାଣ୍ଡ କରୁଥିବା ବେଳେ ଏବେ ଏ ଗାଇ ପଶୁହେଲେ ବି ନିଜର ପଶ୍ଚତାପ କରି ଦୁଖରେ ଗୋଟିଏ ସ୍ଥାନରେ ପଡି ରହିଛି । ସୁମତି ମହାରଣା, ସ୍ୱାଗଣେଶ ମହାରଣା, ପୁଅ ।ଗତ କିଛି ଦିନ ଏ ଖବର ପ୍ରକଟ ପରେ ସ୍ଥାନୀୟ ଅଂଚଳରେ ଲୋକଙ୍କ ଏବେ ଭିଡ ଜମିବା ସହିତ, ଲୋକମାନେ ଗାଇଟି କୁ ଏବେ ପ୍ରଶଂସା କରୁଛନ୍ତି, ପ୍ରକୃତରେ ପଶୁ ହେଲେ ବି ତାର କେତେ ବୁଝିବା ର ଶକ୍ତି ଅଛି ଏବଂ ନିଜ ମାଲିକ କୁ ଆଜି ସେ କେତେ ଝୁରୁଛି ।ସତ୍ୟନାରାୟଣ ରଣା, ସ୍ଥାନୀୟ ବାସିନ୍ଦା ।ଆଜି ଯଦି ସେ ସୁସ୍ଥ ହୋଇ ଫେରି ଥାନ୍ତି ତାହେଲେ ଦୁଖସୁଖ ବୁଝିବା ସହିତ ଭଲ ମନ୍ଦ ଗାଇଟି ର ବୁଝିଥାନ୍ତେ ।ଆଜିର ସମାଜରେ ନିଶ୍ଚିତ ଭାବରେ ଏ ଗାଇ ଏବେ ସମସ୍ତ ଙ୍କ ପାଇଁ ଉଦାହରଣ ପାଲଟିଛି ।

## ବାଲେଶ୍ୱର ପୋଲିସକୁ ବଡ଼ ସଫଳତା

# ୪ଲକ୍ଷ ୮୦ ହଜାର ୪୦୦ଟଙ୍କା ଜବତ: ପିଗଲତାକାରୀ ସମେତ ୪ ଗିରଫ

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଫକୀରମୋହନ ନଗର ଗ୍ରାମର ସଚ୍ଚିନ୍ଦ୍ର ଦାସ ଯିଏକି ସଦର ଥାନାରେ ଗତ ୧୫.୪.୨୬ ରିଖରେ ଏକ ଡକାୟତି ଅଭିଯୋଗପତ୍ର ଦାଖଲ କରିଥିଲେ । ସେ ତାଙ୍କ ଏତଲାରେ ଲେଖିଥିଲେ କି, ୧୪ ତାରିଖ ସଂଧ୍ୟା ୬ଟା ୩୦ମିନିଟ୍ ସମୟରେ ତାଙ୍କର ପରିବାର ସମେତ ମଙ୍ଗଳାପୂଜାକୁ ଯିବା, ରାତିରେ ଦାଶୀପଡ଼ିବା, ଆସିବାରେ ବିଳମ୍ବ ହେବା, ପ୍ରତ୍ୟୁଷରୁ ଆସି ଦେଖଲା ବେଳକୁ କିଛି ଅସାମାଜିକ ତତ୍ୱ ତାଙ୍କ ଘରର ଝର୍କା ଭାଙ୍ଗି ପଶି ସୁନା, ଗହଣା ଇତ୍ୟାଦି ଲୁଟି ନେଇଥିଲେ ।ଏହି ଅଭିଯୋଗକୁ ଆଧାର କରି ସଦର ଥାନା ପକ୍ଷରୁ ୨୨୬/୨୬ ଦଫା ୩୦୫(କ), ୩୩୧(୪ବିଏନଏସ) ଦଫାରେ ମାମଲା ରୁଜୁ ହୋଇଥିଲା । ପୋଲିସ ଏକ ସ୍କ୍ୱାର୍ଡ଼ କମିଟି ଗଠନ କରି ଏହି ମାମଲାକୁ ଛାନଭିନ କରିବା ପରେ ୩ଜଣ ଅଭିଯୁକ୍ତ





ଯେଉଁମାନେ କି ବାଲେଶ୍ୱର ଜିଲ୍ଲାର ସଦରଥାନା, ଖନ୍ତାପଡ଼ା ଥାନା, ସହଦେବଖୁଂଟା ଥାନା ଇତ୍ୟାଦି ଅଂଚଳରେ ଦୀର୍ଘ ୧ବର୍ଷ ଧରି ରାହାଜାନୀ ଚଳାଇବା ସହ ଲୁଟପାଟ, ଛିନତାଇ, ଡକାୟତି, ଇତ୍ୟାଦି ଘଟଣା ସବୁକିଛି ଚଳାଇଥିଲେ । ପୋଲିସ ଏହି ଘଟଣାରେ ସଦର ଥାନା ଅନ୍ତର୍ଗତ ରସଲପୁର ଗ୍ରାମର ଦୀପକ ବେହେରା ଓରଫ କାଳିଆ ଏବଂ ସଦରଥାନା ସିନ୍ଦୁରୀ ଗ୍ରାମର ସୁକାନ୍ତ ଦାସ ଓରଫ ସିପୁ ଏବଂ ସଦର ଥାନା ରସଲପୁର ଗ୍ରାମର ଛେଳିଆପଦା ଅଂଚଳର କାର୍ତିକ ବେହେରା ଓରଫ ମୁସି(୨୨)ଙ୍କୁ ଗ୍ରିଫ କରିଥିଲେ । ଏହି ଗିରଫ ବ୍ୟକ୍ତିମାନେ ପୋଲିସର ତଦନ୍ତ କାର୍ଯ୍ୟରେ ସହାୟତା କରିବା ସହ ଯେଉଁସବୁ ମାଲ ଲୁଟପାଟ କରଥିଲେ ସେସବୁ ମାଲ ଟାଉନଥାନା ଅନ୍ତର୍ଗତ ବାଲେଶ୍ୱରର ମାଣିଖମ୍ବ ଅଂଚଳର ଭାଗବତ ଚକ୍ରବର୍ତୀଙ୍କ ପୁତ୍ର ବିକାଶ ଚକ୍ରବର୍ତୀ(୪୪) ଯିଏକି ଦୁର୍ବୃତମାନଙ୍କ ନିକଟରୁ ସମସ୍ତ ସୁନା, ଗହଣା ଇତ୍ୟାଦି କ୍ରୟ କରିବା ତାକୁ ପିଗଲେଇବା ଇତ୍ୟାଦି କାର୍ଯ୍ୟରେ ସିଦ୍ଧହସ୍ତ ଥିଲେ । ପ୍ରକାଶଯେ, ବିକାଶ ଚକ୍ରବର୍ତୀ ସୁଦୂର କୋଲକତାରୁ ଆସି ବାଲେଶ୍ୱର ସହଦେବଖୁଂଟା ଅଂଚଳରେ ଏକ ଦୋକାନ ଖୋଲିଛନ୍ତି ବୋଲି ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର ୨୭ ତାରିଖ ସଂଧ୍ୟାରେ ସଦରଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ପୋଲିସ ଏହି ୪ଜଣଙ୍କୁ ପ୍ରାଥମିକ ସ୍ତରରେ ଗିରଫ କରି ତଦନ୍ତ କରୁଥିଲା ବେଳେ ସେମାନଙ୍କ ଠାରୁ ୪ଲକ୍ଷ ୮୦ହଜାର ୪୦୦ଟଙ୍କା, ନଗଦ କ୍ୟାସ ସମେତ ୧୮୮ଗ୍ରାମ ସୁନା, ୨୭କେଜି ୫୦୦ଗ୍ରାମ ରୌପ୍ୟ ଇଟା, ଗୋଟିଏ ବୁଲେଟ ମୋଟରସାଇକେଲ, ଏଲଜି ଟିବି, ଗୋଟିଏ ଇନଭଟର, ଗୋଟିଏ ଫ୍ରିଜ ଜବତ କରିଛନ୍ତି । ପ୍ରକାଶଯେ, ଅଭିଯୁକ୍ତ ଦୀପକ ବେହେରାଙ୍କ ନାମରେ ସଦର ଥାନାରେ ୨୧୨/୦୮, ୨୭୯/୨୦, ୩୮୭/୨୦ମୂଳେ ୩ଟି ମାମଲା ରୁଜୁ ହୋଇଥିଲା ବେଳେ ସୁକାନ୍ତ ଦାସ ଓରଫ ସିପୁଙ୍କ ନାମରେ ସଦରଥାନାରେ ୩୫୫/୨୫ ମୂଳେ ଏକ ମାମଲା ରୁଜୁ ହୋଇଛି । ସେହିଭଳି ଅଭିଯୁକ୍ତମାନଙ୍କ ନାମରେ ୧୨ଟି ଛିନତାଇ, ଖନ୍ତାପଡ଼ାଥାନାରେ ୩ଟି ଛିନତାଇ ଏବଂ ସହଦେବଖୁଂଟା ଅଂଚଳରେ ଗୋଟିଏ ଛିନତାଇ ମାମଲା ପୂର୍ବରୁ ରହିଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ପ୍ରତ୍ୟୁଷ ଦିବକୋଙ୍କ ସମେତ ଏସଡିପିଓ ସୁଭ୍ରାଂଶୁ ନାୟକ ଏବଂ ପ୍ରବେସନ ଆଇପିଏଓ ମଂଜୁସା ବି ଜଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଜ୍ଞାନଶ୍ରୀ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ପକ୍ଷରୁ ପିତାମାତା ଙ୍କ ଉଦ୍ଦେଶ୍ୟ ରେ ସମର୍ପିତ ଚଳନ୍ତି ଦେବତା କାର୍ଯ୍ୟକ୍ରମ ନସି କଲଚୁରାଲ ଏକାଡେମୀ ର ସହଯୋଗରେ ନସି ସ୍ମିତ ଉତ୍କଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନ ର ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଆଜିର ଦିନରେ ଅନେକ ସନ୍ତାନ ସନ୍ତତି ତାଙ୍କର ପିତାମାତାଙ୍କୁ ପରିଣତ ବୟସରେ ଅନାଦାର କରିବା ସହିତ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିବା ବେଳେ ଏପରି କାର୍ଯ୍ୟକ୍ରମ ସବୁ ପିଲାମାନଙ୍କ ମଧ୍ୟରେ ସେମାନଙ୍କ ପିତାମାତା ତଥା ଚଳନ୍ତି ଦେବତାଙ୍କ ପ୍ରତି ଆଦର ବୃଦ୍ଧି କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ କ୍ଷ ଆମେ କେବେ ଈଶ୍ୱରଙ୍କୁ ଦେଖିନାହୁଁ ବାସ୍ତବରେ ଆମକୁ ଦୁନିଆକୁ ଆଣିଥିବା ପିତାମାତା ହିଁ ଆମପାଇଁ ସବୁକିଛି, ତେଣୁ ସେମାନଙ୍କ ପ୍ରତି ଅନାଦର ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ଚିତ୍ରଶିଳ୍ପୀ କେଶୁ ଦାସ ମତବ୍ୟକ୍ତ କରିଥିଲେ କ୍ଷ ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ କଣ୍ଠଶିଳ୍ପୀ ସୁଜିତ ଭୋଇ ଏବଂ ଉଜ୍ଜ୍ୱଳ ଚାନ୍ଦ ଯୋଗଦାନ କରି ଏଭଳି ଏକ ନିଆରା କାର୍ଯ୍ୟକ୍ରମ ଆୟୋଜନ କରିଆସୁଥିବା ସଂଗଠନ ଜ୍ଞାନଶ୍ରୀ ର ଭୂୟସୀ ପ୍ରଶଂସା କରିବା ସହିତ ଏଭଳି ମହାନ କାର୍ଯ୍ୟକ୍ରମ କୁ ଆଗକୁ ଆହୁରି ବ୍ୟାପକ କରାଯିବାକୁ ବକ୍ତବ୍ୟ ରଖିଥିଲେ କ୍ଷ ଏହି ଅବସରରେ ଆୟୋଜିତ ପିତାମାତାଙ୍କ ସହ ସେଲ୍ଫି, ପିତାମାତାଙ୍କ ଉପରେ କଣ୍ଠ ସଂଗୀତ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ କୁ ସଂଗଠନ ର ସଦସ୍ୟ ସାଗର ମଲିକ, ଦିପାଲୀ ସିଂ, ତନୁ ବିନ୍ଧାଣି, ରାଜା ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହ ସମ୍ପାଦକ ସନତ କୁମାର ପରିଡା ଧନ୍ୟବାଦ ଦେଇଥିଲେ ।

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାହାନଗା,(ନି.ପ୍ର) ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ବାହାନଗା ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାହାନଗା ପଂଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତରୁ ୧୫୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୯ ଗୋଟି ବ୍ୟକ୍ତିଗତ ଓ ୧୩ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ



କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।





# ଏମସିଏଲ ପରିବାର ପକ୍ଷରୁ ସିଭିଓ ଶ୍ରୀ ପି.କେ. ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା




ସମ୍ବଲପୁର(ନିପ୍ର): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଶ୍ରୀ ପ୍ରଣବ କୁମାର ପଟେଲଙ୍କୁ ଏମସିଏଲରେ ତାଙ୍କର ସଫଳ କାର୍ଯ୍ୟକାଳ ସମ୍ପନ୍ନ ହେବା ଅବସରରେ ଆଜି ଏକ ସମ୍ମାନଜନକ ତଥା ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ତାଙ୍କର ଉଲ୍ଲେଖନୀୟ ସେବା ଏବଂ ସଂସ୍ଥା ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ କମ୍ପାନୀ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ପଟେଲଙ୍କୁ କୃତଜ୍ଞତା ଜଣାଇବା ପାଇଁ କମ୍ପାନୀ ମୁଖ୍ୟାଳୟରେ ଏକ 'ସମ୍ମାନ ସମାରୋହ' ଆୟୋଜିତ ହୋଇଥିଲା । ଏହି ଅବସରରେ ଅଧ୍ୟକ୍ଷ ସହ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଶ୍ରୀ ଉଦୟ ଅନନ୍ତ କାଓଲେ; ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ଶ୍ରୀ ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ); ଏସ.କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଥିସହ ବହୁ ସଂଖ୍ୟାରେ ବରିଷ୍ଠ ଅଧିକାରୀ ଏବଂ ଏମସିଏଲର କର୍ମଚାରୀ ମାନେ ଉପସ୍ଥିତ ରହି ତାଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ଉଦବୋଧନ ଦେଇ, ସିଏମଡି ଶ୍ରୀ କାଓଲେ କମ୍ପାନୀରେ ଭିଜିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଶ୍ରୀ ପଟେଲଙ୍କ ବୃତିଗତ ମନୋଭାବ, ସଚ୍ଚୋଟତା ଏବଂ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସକ୍ରିୟ ପଦକ୍ଷେପ, ସ୍ୱଚ୍ଛତା ଏବଂ ନୈତିକ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ଶ୍ରୀ ପଟେଲଙ୍କୁ କୃତଜ୍ଞତା ଓ ସମ୍ମାନ ଜଣାଇ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ କେଶବ ରାଓ ନିଜେ ରଚନା କରିଥିବା ଏକ ହୃଦୟସ୍ପର୍ଶୀ କବିତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପଦକ୍ଷେପ କାର୍ଯ୍ୟକ୍ରମକୁ ଅଧିକ ଆତ୍ମୀୟ କରିବା ସହ ଏମସିଏଲରେ ଶ୍ରୀ ପଟେଲଙ୍କ କାର୍ଯ୍ୟକାଳ ସହ ଜଡିତ ସୁମଧୁର ସ୍ମୃତିକୁ ଉଜ୍ଜୀବିତ କରିଥିଲା । ଭାରତୀୟ ରେଲବାଇ ଷ୍ଟୋର୍ସ ସେବା (୧୯୯୮ ବ୍ୟାଚ୍)ର ଅଧିକାରୀ ଶ୍ରୀ ପଟେଲ ଗତ ୨୮ ଏପ୍ରିଲ ୨୦୨୧ ରେ କମ୍ପାନୀର ନବମ ସିଭିଓ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏନଆଇଟି (ଘଓଞ୍ଜ) ରାଉରକେଲାରୁ ଇଞ୍ଜିନିୟରିଂ ସ୍ନାତକ ଏବଂ ଆଇଆଇଟି ଖଡଗପୁରରୁ ସ୍ନାତକୋତର (ଏମ୍.ଟେକ୍) କରିଥିବା ଶ୍ରୀ ପଟେଲ, ନିଜ କାର୍ଯ୍ୟକାଳ ମଧ୍ୟରେ ସଂସ୍ଥାରେ ସ୍ୱଚ୍ଛତା, ଉତରଦାୟିତ୍ୱ ଏବଂ ଭିଜିଲାନ୍ସ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିଜର ବିଦାୟୀ ଭାଷଣରେ ଶ୍ରୀ ପଟେଲ ତାଙ୍କ କାର୍ଯ୍ୟକାଳ ସମୟରେ ମିଳିଥିବା ସହଯୋଗ ପାଇଁ ଏମସିଏଲ୍ ପରିଚାଳନା କମିଟି ଏବଂ ସମସ୍ତ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ସାଧୁତା ଏବଂ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତା ସହିତ ସଂସ୍ଥା ଆଗାମୀ ଦିନରେ ନିଶ୍ଚିତ ଭାବରେ ସଫଳତାର ନୂତନ ଶିଖରକୁ ପହଂଚିବ ।

# ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା"

କେନ୍ଦୁଝର(ନିପ୍ର): ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗରେ ସୋମବାର କେନ୍ଦୁଝର ରେ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଅନୁଷ୍ଠିତ ହୋଇ ଯାଇଛି । ମହିଳାମାନଙ୍କୁ ସାମ୍ବିଧାନିକ ଅଧିକାର ଦେବା ପାଇଁ କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଏହି "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇ ଥିବା ବେଳେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ କହିଛନ୍ତି ମହିଳା ମାନଙ୍କ ପାଇଁ ଏହି ଲଢ଼େଇ ଜାରି ରହିବ । ଜିଲ୍ଲାର ହଜାର ହଜାର ମହିଳା ଏହି ପଦଯାତ୍ରାରେ ସାମିଲ ହୋଇ କେନ୍ଦୁଝର ସହରର କାଳୀ ପଡିଆ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ରାହୁଲ ଗାନ୍ଧୀ, ମମତା ବାନାର୍ଜୀ ଏବଂ ନବୀନ ପଟ୍ଟନାୟକ ଙ୍କ କୁଶ ପୁତଳିକା ଦାହ କରିଥିଲେ । ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱାଧୀନତାର ସାତ ଦଶନ୍ଧୀ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ "ନାରୀଶକ୍ତି ବନ୍ଦନ ଅଧିନିୟମ" ଆଣିଥିଲେ । ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା । ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରିତାକୁ ଦୃଢ଼ୀଭୁତ କରୁଥିଲା । ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିମେଂଟ ଏହାକୁ ସଂସଦରେ ପାରିତ କରେଇ ଦେଇନଥିଲା । ବିଜେଡି ଏହାକୁ ସମର୍ଥନ କରିଥିଲା । ଏଥିରୁ ବିରୋଧୀଦଳ ଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି । ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହେଉଛି । ଚାରିଆଡ଼େ ଏବେ ପ୍ରତିବାଦ ଓ ଆନ୍ଦୋଳନ କରାଯାଉଛି । ମହିଳା ଆକ୍ରୋଶକୁ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତ ୨୨ ତାରିଖରେ ରାଜଧାନୀ ଭୁବନେଶ୍ୱଠାରେ ବିଶାଳ "ଜନ ଆକ୍ରୋଶ ମହିଳା ପଦଯାତ୍ରା" ଆୟୋଜନ କରାଯାଇଥିଲା । ସେହିପରି ଗତ ୨୪ ଓ ୨୫ ତାରିଖରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ "ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା" ଅନୁଷ୍ଠିତ ହୋଇଥିବା ବେଳେ କେନ୍ଦୁଝର ରେ ଅନୁରୂପ କାର୍ଯ୍ୟକ୍ରମ ହୋଇଯାଇଛି । ସମାଜର ବିଭିନ୍ନ ବର୍ଗର ମହିଳାମାନେ ଏଥିରେ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମ ରେ ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡ଼ା ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂ, ବିଜେପି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ଦାଶମତି ଚାତାର, ଏସଡିସି ଚେୟାରମ୍ୟାନ ମମିତା ନାଏକ, ଏସଡିସି ଭାଇସ ଚେୟାରମ୍ୟାନ ମାନସ ନାଏକ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସାବିତ୍ରୀ ବିଶ୍ୱାଳ, ପୂର୍ବତନ ବ୍ଲକ ଚେୟାରମ୍ୟାନ କିରଣବାଳା ନାୟକ, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱୀନି ବଳ, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତ, ଜିଲ୍ଲା ଟୋଲିର ସଦସ୍ୟା ଗୀତାଞ୍ଜଳି ମହାନ୍ତ, ନଳିନୀ ମହାନ୍ତ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଙ୍କା ସିଂ ରାଣା ଉପସ୍ଥିତି ରେ ତଥା ଅନ୍ୟ ମହିଳା ନେତୃତ୍ୱ ମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଦେହୁଡ଼ି ଆନନ୍ଦପୁର ପଂଚାୟତରେ 'ମୁଖ୍ୟମନ୍ତ୍ରୀ ବସ୍' ଚଳାଚଳ ନେଇ ଦାବି



ଧାମନଗର(ନିପ୍ର): ରାଜ୍ୟ ସରକାରଙ୍କ ଗ୍ରାମାଂଚଳ ପରିବହନ ସୁବିଧା ବୃଦ୍ଧି ପାଇଁ ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀ ବସ୍' (ଲକ୍ଷ୍ମୀ/ମୋ ବସ୍) ଯୋଜନା ଭଦ୍ରକ ଜିଲ୍ଲାର ଦେହୁଡ଼ି ଆନନ୍ଦପୁର ପଂଚାୟତରେ କାର୍ଯ୍ୟକର ନ ହେବାକୁ ନେଇ ସ୍ଥାନୀୟମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଯୋଜନା ଅନୁସାରେ ଆନନ୍ଦପୁରରେ ବସ୍ ଷ୍ଟପ୍ ସ୍ଥାପନ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏଠାରେ ଗୋଟିଏଥର ମଧ୍ୟ ବସ୍ ଚଳାଚଳ କରିନାହିଁ । ଫଳରେ ଅଂଚଳବାସୀ ସରକାରଙ୍କ ଏହି ଲାଭଦାୟକ ଯୋଜନାରୁ ବଂଚିତ ହେଉଛନ୍ତି । ବିଶେଷକରି ଛାତ୍ରଛାତ୍ରୀ, ଚାକିରିଆ ଓ ରୋଗୀମାନେ ଯାତାୟାତରେ ନାନା ସମସ୍ୟା ଭୋଗୁଛନ୍ତି । ସ୍ଥାନୀୟ ଲୋକମାନେ କହିଛନ୍ତି, ଏନେଇ ପୂର୍ବରୁ ତହସିଲଦାର ଓ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହାର ପ୍ରତିବାଦରେ ସେମାନେ ଆଜି ଉପଜିଲ୍ଲାପାଳ, ତହସିଲଦାର ଓ ଧାମନଗର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ରାସ୍ତାରୋକ କରି ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ପରିସ୍ଥିତି ଦୃଷ୍ଟିରେ ଶୀଘ୍ର ତଦନ୍ତ କରି ବସ୍ ? ଚଳାଚଳ ସୁନିଶ୍ଚିତ କରିବାକୁ ପ୍ରଶାସନଙ୍କୁ ଦାବି ହୋଇଛି । ଅନ୍ୟପକ୍ଷେ, ପୂର୍ବରୁ ମୋ ବସ ସେବାର ଅବ୍ୟବସ୍ଥା ଓ ବାଟବଣା ନେଇ ଖବର ପ୍ରକାଶ ପାଇବା ପରେ ଏହି ରୁଟ ରେ ବସ ଚଳାଚଳ ଆରମ୍ଭ ହେବ ବୋଲି ଅଂଚଳବାସୀ ଆଶା କରିଥିଲେ । କିନ୍ତୁ ପ୍ରାୟ ୧ ମାସ ବିତିଯାଇ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢ଼ିଥିଲା ଏବଂ ଶୀଘ୍ର ବସ ସେବା ଚାଲୁ କରିବାକୁ ଦାବି ଜୋର ଧରିଛି । ଏହି ବସ ଚାଲୁ ହେଲେ ୨ ଟି ପଂଚାୟତର ପଖାପାଖି ୫ ହାଜରରୁ ଉର୍ଦ୍ଧ ଲୋକେ ଏହି ସେବା ପାଇପାରିବେ । ତେବେ ଏହି ଘଟଣା କୁ ନେଇ କିଛି ଦିନ ତଳେ ଉକ୍ତ ଘଟଣା କୁ ନେଇ ଖଡ଼ିପଦା ଛକ ରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା ଘଟଣା ସ୍ଥଳ ରେ ପହଂଚି ସମାଧାନ କରିଥିଲେ ।

# ବିରୋଧୀ ଦଳମାନଙ୍କର ମହିଳା ବିରୋଧୀ ମାନସିକତା ବିରୁଦ୍ଧରେ ବିଜେପିର ସାମ୍ବାଦିକ ସମ୍ମିଳନୀ



ନୟାଗଡ଼(ନିପ୍ର): ସଂସଦରେ ମହିଳା ବିଲ୍‌କୁ ବିରୋଧୀ ଦଳମାନେ ବାଧାପ୍ରାପ୍ତ କରିବା ପରେ, ସେମାନଙ୍କର ଅସଲ ଚେହେରା ଓ ମହିଳା ବିରୋଧୀ ମାନସିକତାକୁ ଜନସାଧାରଣଙ୍କ ସମ୍ମୁଖରେ ଉଜାଗର କରିବା ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସାରା ଦେଶରେ ଅଭିଯାନ ଆରମ୍ଭ ହୋଇଛି । ଏହି କ୍ରମରେ ନୟାଗଡ଼ ପୁରୁଣା ରାଜବାଟୀ ପରିସରରେ ନୟାଗଡ଼ ବିଜେପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସମ୍ମିଳନୀରେ ରାଜ୍ୟ ବିଜେପି ସମ୍ପାଦିକା ସ୍ମୃତି ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ ସ୍ୱାଇଁ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟା ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା, ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ରାଜ୍ୟ ବିଜେପି ର ସଦସ୍ୟା ତଥା ସମାଜସେବୀ ମନୀଷା ଜେନା, ପୂର୍ବତନ ଜିଲ୍ଲା ସଭାପତି, ବିଜେପି ନୟାଗଡ଼, ସନ୍ୟାସୀ ପ୍ରଧାନ, ଜିଲ୍ଲା ପରିଷଦ ମେମ୍ବର ଲକ୍ଷ୍ମୀପ୍ରିୟା ତରାଇ, ସମ୍ପାଦକ, ବିଜେପି ନୟାଗଡ଼ ଜିଲ୍ଲା କମିଟି ସାରଳା ସାମନ୍ତରାୟ, ଉପ ସଭାପତି, ନୟାଗଡ଼ ଜିଲ୍ଲା କମିଟି, ବିଜେପି ମାଧବ ବେହେରା, ସମ୍ପାଦକ, ବିଜେପି ନୟାଗଡ଼ ଜିଲ୍ଲା କମିଟି, ରୀଙ୍କିନା ଗୌଡ଼ ପ୍ରମୁଖ ଯୋଗ ଦେଇ ବିରୋଧୀ ଦଳଙ୍କ ଆଭିମୁଖ୍ୟକୁ କଡ଼ା ସମାଲୋଚନା କରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ମହିଳା ମାନଙ୍କ ସଶକ୍ତିକରଣ ପାଇଁ ଅଣାଯାଇଥିବା ଐତିହାସିକ ବିଲ୍‌କୁ କେବଳ ରାଜନୈତିକ ସ୍ୱାର୍ଥ ପାଇଁ ବିରୋଧୀମାନେ ଅଟକାଇ ରଖିଛନ୍ତି । ଏହା ଭାରତର ୭୦ କୋଟି ମହିଳାଙ୍କ ପ୍ରତି ଏକ ଅପମାନ ବୋଲି ନେତୃ ବୃନ୍ଦ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୟାଗଡ଼ ବିଜେପିର ବରିଷ୍ଠ ସଦସ୍ୟ ନସିର ଅହମ୍ମଦ ପରିଚାଳନା କରିଥିଲେ ।

## ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ଘରେଘରେ ସ୍ୱାସ୍ଥ୍ୟ ସେବା ଅଭିଯାନ ଜାରି

ନୂଆପଡ଼ା(ନିପ୍ର): ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ଜିଲ୍ଲାରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ପାଇଁ ଘରେଘରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ଅଭିଯାନ ଜାରି ରହିଛି । ଏହି ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ ବିଭାଗର ଟିମ୍ ପ୍ରତ୍ୟେକ ଘରକୁ ପହଂଚି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୮୦ ଜଣ ବୟସ୍କ ବ୍ୟକ୍ତିଙ୍କୁ ଏହି ଯୋଜନା ଅଧୀନରେ ଚିହ୍ନଟ କରାଯାଇ ତାଙ୍କ ଘରେ ଯାଇ ଚିକିତ୍ସା ସେବା ଦିଆଯାଉଛି । ସ୍ୱାସ୍ଥ୍ୟ କର୍ମୀମାନେ ରକ୍ତଚାପ (ଇଚ), ମଧୁମେହ (ସୁଗାର) ଇତ୍ୟାଦିର ପରୀକ୍ଷା କରିବା ସହ ଅନ୍ୟାନ୍ୟ ରୋଗ ପାଇଁ ଔଷଧ ଯୋଗାଇ ଦେଉଛନ୍ତି । ଏହା ସହିତ ଆବଶ୍ୟକତା ଅନୁଯାୟୀ ଫିଜିଓଥେରାପି ସେବା ମଧ୍ୟ ଘରେଘରେ ପ୍ରଦାନ କରାଯାଉଛି ।

**AFFIDAVIT**

By virtue of an affidavit sworn before the Court of Executive Magistrate, Simulia, Balasore dated 21.04.2026. I Manisha Priyadarshani Mishra, aged about 37 years, W/o- Sangram Keshari Mishra, Vill- Purusottampur, Po- Balikhand, PS- Simulia, Dist- Balasore declare that I have changed my son's name from Asmit Mishra to Shiyansh Mishra. Henceforth, He shall be known as Shiyansh Mishra for all purposes.

Sd/-
Manisha Priyadarshani Mishra

ଇଣ୍ଡିଆର ସ୍ପୋର୍ଟସ୍ ପ୍ରାଧିକରଣ
ଭାରତ ସରକାର
କ୍ରୀଡ଼ା ବିଭାଗ
(ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା)
ଇଣ୍ଡିଆର ସ୍ପୋର୍ଟସ୍ ପ୍ରାଧିକରଣ
(ମାନବ ସମ୍ବଳ ବିଭାଜନ)
ସାଇ-ହେଡ୍ ଅଫିସ୍ ବିଲଡିଂ, ସାଇ- ହେଡକ୍ୱାର୍ଟ,
ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସ
(ଇଷ୍ଟ ଗେଟ୍-ନଂ ୧୦) ଲୋଡି ରୋଡ୍,
ନୂଆଦିଲ୍ଲୀ -୧୧୦୦୦୩

ଏଫ୍. ନଂ. ୦୧-୦୪୦୦୧(୦୧)/୧୩/୨୦୨୪-ଏଚ୍ଓ-ଉପଯୁକ୍ତ ବିଭାଜନ/୨୫୬ ତାରିଖ: ୨୧.୦୪.୨୦୨୬

**ଶୁଦ୍ଧିପତ୍ର**

**ଉପ: ନିୟମିତ ଆଧାରରେ ସହାୟକ ପ୍ରଶିକ୍ଷକ ପଦବୀ ପାଇଁ ଆବେଦନ ଦାଖଲର ଶେଷ ତାରିଖର ବିସ୍ତାର ।**

୨୫.୦୩.୨୦୨୬ ତାରିଖ ଏଫ୍. ନଂ. ୦୧-୦୪୦୦୧(୦୧)/୧୩/୨୦୨୪-ଏଚ୍ଓ-ଉପଯୁକ୍ତ ବିଭାଜନ/୨୩୭ ମାଧ୍ୟମରେ ଜାରି ହୋଇଥିବା ପରିଶିଷ୍ଟ୍ୟର ଆଂଶିକ ପରିବର୍ତନରେ, ନିୟମିତ ଭାବରେ ସହାୟକ ପ୍ରଶିକ୍ଷକ ପଦବୀ ପାଇଁ ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ୦୫.୦୫.୨୦୨୬ (ସନ୍ଧ୍ୟା ୦୫:୦୦) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅବଶିଷ୍ଟ ଧାରା ବୈଧ ।
୨. ବିବରଣୀ ଏବଂ ଆବେଦନ ଲିଙ୍କ୍ ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ୱେବସାଇଟ୍ www.yas.nic.in ଏବଂ ସାଇ ଅର୍ଥାତ୍ www.sportsauthorityofindia.nic.in ରେ ଉପଲବ୍ଧ ।

ସ୍ୱା/-
କାର୍ଯ୍ୟକାରୀ ନିର୍ଦ୍ଦେଶକ
(ମାନବ ସମ୍ବଳ ବିଭାଗ) କ୍ରୀଡ଼ା
ଭାରତ କର୍ତ୍ତୃପକ୍ଷ

cbc 47103/11/0005/2627

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର



ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ସଭାଗୃହ ଠାରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୩୦ଟି ଅଭିଯୋଗରୁ ୧୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ସେଥିମଧ୍ୟରୁ ବିଦ୍ୟୁତ ସଂଯୋଗୀ କରଣ, ଜମି ଚିହ୍ନଟ, ଭିନ୍ନକ୍ଷମ ଭତା, ଆର୍ଥିକ ସହାୟତା, ଜମି ବିବାଦ, ପକ୍କାଘର ପାଇବା ସମସ୍ୟା ଭିତିକ ଥିବା ବେଳେ ସାମୁହିକରେ କିର୍ମିରା ଗ୍ରାମର ପଶୁ ଚିକିତ୍ସାଳୟରେ ପଶୁ ଡାକ୍ତର ନିଯୁକ୍ତି ଓ ଗାଁ ରେ ବିଦେଶୀ ମଦ ଦୋକାନ ପାଖ ଜମି ମାନଙ୍କରେ କାଚ, ମଦ ବୋତଲ ପକାଇବା, ବାଗଡିହି ଗାଁ ମୁଖ୍ୟ ରାସ୍ତା ର ମରାମତି କାମ ଓ ବାଇପାସ ରାସ୍ତା ନିର୍ମାଣ, ମୋ ବସ ବୈଜାପାଲି ଗାଁ କୁ ଚଳାଚଳ କରିବା, ଟାଙ୍ଗରଗଡ଼ା ଗାଁ ରୁ ନୂଆଁପଡ଼ାକୁ ରାସ୍ତା ନିର୍ମାଣ, ୨୦୨୪-୨୦୨୫ ମସିହାର ଧାନ କିଣାର କମିଶନ ଟଙ୍କା ପାଇ ନ ଥିବା, ମିଶନ ଶକ୍ତି କାଫେରେ ପିଇବା ପାଣି ଯୋଗାଇବା, କିର୍ମିରା ଶିବ ମନ୍ଦିର ବନ୍ଧ ରୁ ପଙ୍କ ଉଦ୍ଧାର ସହ ଇନଲେଟ ଆଉଲେଟ ତିଆରି କରିବା ଅଭିଯୋଗ ହୋଇଥିଲା । ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲାପାଳ ସବ୍ୟସାଚୀ ପଣ୍ଡା, ଏସଡ଼ିପିଓ ଉମାଶଙ୍କର ସିଂହ, ବ୍ଲକ ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, ବିଡିଓ ଅଭିନାଶ ଲାକ୍ରା, ତହସିଲଦାର ସଞ୍ଜିବ କୁଲୁ, ଲଇକେରା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ସହ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଇଣ୍ଡିଆର ସ୍ପୋର୍ଟସ୍ ପ୍ରାଧିକରଣ ।
ଭାରତ ସରକାର
କ୍ରୀଡ଼ା ବିଭାଗ ।
(ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା)
(ମାନବ ସମ୍ବଳ ବିଭାଗ - II)

ହେଡ୍ ଅଫିସ୍, ଗେଟ୍ ନଂ ୧୦ (ପୂର୍ବ ଗେଟ୍),
ଜବାହରଲାଲ୍ ନେହେରୁ ଷ୍ଟାଡିୟମ୍,
ଲୋଡି ରୋଡ୍, ନୂଆଦିଲ୍ଲୀ -୧୧୦୦୦୩

ଫାଇଲ୍ ନମ୍ବର ୦୧-୦୪୦୦୧(୦୩) / ୪ /୨୦୨୬-୬୬ ତାରିଖ:୨୧-୦୪-୨୦୨୬

**ଭାରତର କ୍ରୀଡା ପ୍ରାଧିକରଣ ନିଯୁକ୍ତି ଉପନିର୍ଦ୍ଦେଶକ (ପ୍ରତିନିଧି) ଆଧାରରେ** ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂଶାସିତ ସଂସ୍ଥା, ଭାରତୀୟ କ୍ରୀଡା ପ୍ରାଧିକରଣ (ଝଇଓ), ଏହାର ମୁଖ୍ୟ କାର୍ଯ୍ୟାଳୟ, ନୂଆଦିଲ୍ଲୀ ଏବଂ ବିଭିନ୍ନ କ୍ଷେତ୍ର ୟୁନିଟରେ ୩ ବର୍ଷ ପାଇଁ ଡେପୁଟେସନ ଆଧାରରେ ପେ ମାଟ୍ରିକ୍ସ ସ୍ତର-୧୧ରେ ଉପନିର୍ଦ୍ଦେଶକ ପଦବୀ ପାଇଁ ଆବେଦନ ଆମନ୍ତ୍ରଣ କରୁଛି । ଯୋଗ୍ୟ ଅଧିକାରୀମାନେ ଆବଶ୍ୟକୀୟ ଡକ୍ୟୁମେଂଟ ସହିତ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ **ନିର୍ଦ୍ଦେଶକ (ମାନବ ସମ୍ବଳ ବିଭାଗ-ଓଓ), ସାଇ, ଜେ.ଏନ. ଷ୍ଟାଡିୟମ କମ୍ପ୍ଲେକ୍ସ, ଲୋଧି ରୋଡ୍, ନୂଆଦିଲ୍ଲୀ-୧୧୦୦୦୩** ରେ ଦାଖଲ କରିପାରିବେ । ଆବେଦନ ଗ୍ରହଣର ଶେଷ ତାରିଖ ହେଉଛି ୨୧-୦୫-୨୦୨୬ (ସନ୍ଧ୍ୟା ୫:୦୦) । ବିସ୍ତୃତ ବିଜ୍ଞାପନ, ଯୋଗ୍ୟତା ମାନଦଣ୍ଡ, ପ୍ରୋଫର୍ମା ଏବଂ ନିର୍ଦ୍ଦେଶାବଳୀ ଝଇଓ ୱେବସାଇଟ୍ (www.sportsauthorityofindia.nic.in) ରେ ଉପଲବ୍ଧ ହେବ ।

cbc 47103/11/0006/2627

No. 34001/127/2627

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-04/2026-27

1. Number of works -Building work
2. Approximate estimated cost: - 6.107 lakh to 8.589 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 29.04.2026 to 07.05.2026
5. Last Date / Time of receipt of bid in the portal :- Dt. 07.05.2026 up to 5.00 PM
6. Date of Opening of bid:- Dt. 08.05.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR. 34001/34025/1/26-27/0003





ଏ ସଂସାର ମିଛ ମାୟା ନୁହେଁ କିଛି ସ୍ଥିର,
ସୁନ୍ଦର ଶରୀର ଦିନେ ହୋଇବ ସ୍ଥବିର ।
*ମଧୁସୂଦନ ଦାସ*

# ଆଜିକାଲି



*ଅନନ୍ତ ବିଜୟଂ ରାଜା, କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।*
*ନକୁଳଃ ସହଦେବଶ୍ଚ, ସୁଘୋଷମଣିପୁଷ୍ପକୌ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

*ଭାବାର୍ଥ : ଯୁଧିଷ୍ଠିରଙ୍କ ଅନନ୍ତବିଜୟ, ନକୁଳଙ୍କ ସୁଘୋଷ ଓ ସହଦେବଙ୍କ ମଣିପୁଷ୍ପକ ଏ ସବୁ ଶଙ୍ଖ ମଧ ସଂଗେ ସଂଗେ ବାଜିଲା ।*

## ତାତି ବଢୁଛି ଏବଂ ଆଗକୁ ଆହୁରି

ରାଜ୍ୟରେ ପୁଣି ପ୍ରଚଣ୍ଡ ତାତି ଦିନକୁ ଦିନ ବଢ଼ି ଚାଲିଛି । ଗତ କେତେ ଦିନ ହେଲା ଦିନ ବେଳେ ପ୍ରଚଣ୍ଡ ତାତି ସହ ଗୁଳୁଗୁଳି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରି ଦେଇଛି । ଏହି ସମୟରେ ପାଣିପାଗ ବିଭାଗରୁ ସୂଚନା ଆସିଛି ଯେ ତାତି ଆହୁରି ବଢ଼ିବ । ଏଭଳି ୩ ଦିନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ବଢ଼ିବ । ରାଜ୍ୟର ପଶ୍ଚିମ ଓଡ଼ିଶାରେ ହିଟ୍‌ୱେଭ ଓ ଉପକୂଳରେ ପ୍ରବଳ ଗୁଳୁଗୁଳି ହେବ । କିନ୍ତୁ ମଝିରେ ମଝିରେ ତାତି ସମୟରେ ଯେଭଳି ଗୁଳୁଗୁଳି ହେଉଥିଲା ଏବଂ କେତେକ ସ୍ଥାନରେ ଝଡ଼ିବର୍ଷା ଲାଗି ରହୁଥିଲା ସେ ନେଇ କୌଣସି ସୂଚନା ଆସି ନାହିଁ । ଏହି ଦୃଷ୍ଟିରୁ ରାଜ୍ୟବାସୀଙ୍କୁ ଅଧିକ ସତର୍କ ରହିବାକୁ ସୂଚନା ଦିଆଯାଇଛି । ଅଂଶୁଘାତରୁ ବଂଚିବା ପାଇଁ ସକାଳ ୧୦ ଘଟିକାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରୁ ବାହାରକୁ ନ ବାହାରିବା ପାଇଁ ମନା କରାଯାଇଛି । ଏବେ ମଇ ମାସ ଚାଲିଛି । ଏହି ମାସରେ ତାତି ଓ ଗରମ ଅଧିକ ଥାଏ । ଏହା ସମୟରେ ଆଉ ଏକ ଭଲ ଖବର ମିଳିଛି ଚଳିତ ବର୍ଷ ନିର୍ଦ୍ଦିଷ୍ଟ ସମୟରେ ବର୍ଷା ଆସିବ ଏବଂ ଏ ବର୍ଷ ବର୍ଷା ଦିନରେ ସାରା ରାଜ୍ୟରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଚଳିତ ମାସ ଶେଷରୁ ଏବଂ ଜୁନ୍ ପ୍ରଥମ ସପ୍ତାହରେ ବର୍ଷା ଆଣ୍ଡାମାନ ଓ ନିକୋବର ଛୁଇଁପାରେ । ଯଦି ଏହା ସମ୍ଭବ ହୁଏ ତେବେ ଜୁନ ୧୦ ତାରିଖ ମଧ୍ୟରେ ବର୍ଷା ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଯଦିଓ ଏହି ସୂଚନା ମିଳିଛି ଏବଂ ଚାଷୀ ମାନଙ୍କ ମଧ୍ୟରେ ଖୁସିର ଖବର ଆସିଛି କିନ୍ତୁ ଭଲ ବର୍ଷା ନେଇ ସନ୍ଦେହ ପ୍ରକାଶ ପାଉଛି । ଅତୀତ ବର୍ଷ ମାନଙ୍କରେ ଏଭଳି ସୂଚନା ମିଳିଥିଲେ ମଧ୍ୟ ଜୁଲାଇ, ଅଗଷ୍ଟ ମାସରେ ବର୍ଷା ଉଭାନ ହୋଇ ଯାଏ ଏବଂ କୃଷିକ୍ଷେତ୍ରରେ ନାନା ସମସ୍ୟା ଦେଖାଯିବାର ସୂଚନା ରହିଛି । ଚଳିତବର୍ଷ ଭଲ ବର୍ଷା ହେବ ବୋଲି ସୂଚନା ମିଳିଥିବା ବେଳେ ଏହା କେତେଦୂର ସମ୍ଭବ ତାହା ସମୟ ହିଁ କହିବ । ଅତୀତରେ ମଧ୍ୟ ବର୍ଷା ଅଭାବରୁ ବହୁ ସ୍ଥାନରେ ମରୁଡ଼ି ପଡ଼ିଥିବା ନଜୀର ରହିଛି । ଏ ବର୍ଷ ତାହା କେତେଦୂର ସମ୍ଭବ ଏ ନେଇ ଚାଷୀକୂଳ ଦ୍ୱନ୍ଦରେ ପଡ଼ିବା ସ୍ୱାଭାବିକ । ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜଳସେଚନର ସୁବିଧା ନାହିଁ । କେନାଲ ଓ ନଈପାଣି ମଧ୍ୟ ଶୁଖି ଗଲାଣି । ଏହି ଦୃଷ୍ଟିରୁ ବର୍ଷା ଏକମାତ୍ର କୃଷିପାଇଁ ସମ୍ବଳ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।

## ଜାତୀୟ କବି ବୀରକିଶୋର



ଓଡ଼ିଶାର ଜାଗୃତି ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମକର ଆଦ୍ୟ କାଳରେ ୧୮୯୮ରେ ଜଗତ୍‌ସିଂହପୁର ଅନ୍ତର୍ଗତ ପୂର୍ଣ୍ଣଗ୍ରାମ ବା ପୁନଙ୍ଗରେ ଜନ୍ମ ହୋଇଥିଲେ ଜାତୀୟ କବି ବୀରକିଶୋର ଦାସ । ବହୁ ସମ୍ବେଦନଶୀଳ ସ୍ମୃତିରେ ତାଙ୍କର ଜୀବନ ପୃଷ୍ଠା ସମୃଦ୍ଧ । ୧୯୧୪ରେ କଟକର ଭିକ୍‌ଟୋରିଆ ସ୍କୁଲ (ଏବେ ଭକ୍ତମଧୁ ବିଦ୍ୟାପୀଠ)ରୁ ଏଂଟ୍ରାନ୍ସ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ପିତାଙ୍କୁ ଖୁସି କରିବା ଲାଗି ସରକାରୀ ଚାକିରିରେ ଯୋଗଦେଇଥିଲେ ସତ ମନ ନଥିଲା ସେଥିରେ । ମାତ୍ର ବର୍ଷ ଆଠଟିରେ ଚାକିରି ଜୀବନର ଅନ୍ତ ଘଟିଥିଲା । ଇସ୍ତଫା ଦେଇ ପାଲଟିଥିଲେ ସତ୍ୟାଗ୍ରହୀ ସ୍ୱାଧୀନତା ସଂଗ୍ରାମୀ । ସ୍ୱାଧୀନତା ସଂଗ୍ରାମରେ ପୁତ୍ରର ଯୋଗଦାନ ଖବର ଜମିଦାର ପିତାଙ୍କୁ ବ୍ୟଥିତ ତଥା ଭୟଭୀତ କରିଥିଲା । ଜମିଦାରୀ ହରାଇବା ଆଶଙ୍କା ଯୋଗୁଁ ପୁତ୍ର ସହ ସମସ୍ତ ସଂପର୍କ ଛିନ୍ନ କରିଥିଲେ ସେ । ପିତାଙ୍କ କଠୋର ପଦକ୍ଷେପ କିନ୍ତୁ ତିଳେ ହେଲେ ବିବ୍ରତ କରିନଥିଲା ବୀରକିଶୋରଙ୍କୁ । ଶୈଶବରୁ ପର ପାଇଁ କାନ୍ଦୁଥିଲା, ତାଙ୍କ ଜୀବନ । ଦେଶପ୍ରେମ ମନ୍ତ୍ରରେ ଦୀକ୍ଷିତ ହୋଇ ମାଟି ମାଆ ଏବଂ ଦୀନ-ଦରିଦ୍ରଙ୍କ ସେବାକୁ ଜୀବନର ପରମ ବ୍ରତ ଭାବେ ଗ୍ରହଣ କରିଥିଲେ । ଏହି ମହାନ୍ କବିଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଉଛି, ମୁଖ୍ୟତଃ ଶାସନ ବିରୋଧୀ କବିତା ପାଇଁ ସେ ସାତ ସାତ ଥର କାରାବରଣ କରିଥିଲେ । ପୁଲିସ୍ ସତର ଥର ତାଙ୍କ ଘର ତଲାସିଥିଲା । କବିତା ମାଧ୍ୟମରେ ସେ ଉଦ୍‌ଗାରୁଥିଲେ ବିପ୍ଳବର ଅଗ୍ନି । ତେଣୁ ପୁଲିସ ତାଙ୍କ କାର୍ଯ୍ୟକଳାପ ଉପରେ ସର୍ବଦା ସତର୍କ ଦୃଷ୍ଟି ରଖୁଥିଲା । ମୋହନ ବଂଶୀ ଲେଖି ୧୯୨୨ରେ ଜେଲ ଯାଇଥିଲେ । ରଣଭେରୀ ଓ ରଣ ଦୁନ୍ଦୁଭି ପାଇଁ ୧୯୩୦ରେ ଦୁଇ ବର୍ଷ କାରାବରଣ କରିଥିଲେ । ଖଲାସ ହେବାର ଏକ ବର୍ଷ ନପୁରୁଣୁ ପୁଣି ଥରେ ଅଟକାଯାଇଥିଲା ବିହାରର ହଜାରୀବାଗ ଜେଲରେ । ୧୯୪୨ରେ ବ୍ରହ୍ମପୁର ଜେଲ୍‌ରେ ତିନିବର୍ଷ । ଏହା ସତ୍ତ୍ୱେ ସେ ସରକାର ସହ ସାଲିସ କରି ନଥିଲେ । ଏକଦା ସ୍ୱୟଂ ନିଜକୁ ପୁଲିସ ହାତରେ ଧରାଇ ଅଦ୍ଭୁତ ସାହାସିକତାର ପରିଚୟ ଛାଡ଼ିଯାଇଛନ୍ତି ବୀରକିଶୋର । ଘଟନାଟି ଥିଲା ଏହିପରି । ଏକଦା ଜଣେ ତଳିଆ ପୁଲିସ ଅଫିସର କିଛି କର୍ମଚାରୀଙ୍କୁ ଧରି ତାଙ୍କ ଘର ଖାନତଲାସି କରୁଥାଆନ୍ତି । ହେଲେ କିଛି ମିଳୁ ନଥାଏ । ବିଫଳତାରୁ ଦଣ୍ଡର ଆଶଙ୍କା କରି ବିଚରା ଅଫିସରଙ୍କ ମୁହଁ ଘର୍ମାକ୍ତ ହୋଇଉଠିଲା । ଲୋକଟାର ଚାକିରି ଚାଲିଯିବ ତା ପିଲା-ଛୁଆ ସମସ୍ୟା ଭୋଗିବେ - ଏ ଭଳି ଚିନ୍ତା ଉଦ୍ରେକ ହେଲା ବୀରକିଶୋରଙ୍କ ମଧ୍ୟରେ । ସେ ସରକାର ବିରୋଧୀ ଲେଖାତକ ନିଜେ ଟେକିଦେଲେ, ଉକ୍ତ ଅଫିସରଙ୍କ ହାତରେ । ଆଶ୍ୱସ୍ତ ହେଲେ ଅଫିସର । କିନ୍ତୁ, ପ୍ରତି ବଦଳରେ କାରାଦଣ୍ଡ ହିଁ ମିଳିଥିଲା ସାହାସୀ କବିଙ୍କୁ । ୧୯୭୩ ଏପ୍ରିଲ ଆଜିର ଦିନରେ ବୀରକିଶୋରଙ୍କ ଦେହାନ୍ତ ହୋଇଥିଲା ।



ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ

# ଶତାବ୍ଦୀର ଅମୃତ ସ୍ରଷ୍ଟା : ମନସ୍ୱୀ ମଧୁସୂଦନ

◆ଡ଼ଃ.ଅରୁନ୍ଧତୀ ଦେବୀ

ସ୍ୱତନ୍ତ୍ର ଓଡ଼ିଶା ଗଠନର ପଟ-ପୁରୋଧା ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ । ସେ ହେଉଛନ୍ତି ଓଡ଼ିଶାରେ ରାଜନୈତିକ ଚେତନାର ପ୍ରବର୍ତ୍ତକ, ଉତ୍କଳୀୟ ଜାତୀୟତାର ଭଗୀରଥ । କେବଳ ଦେଶ ମିଶ୍ରଣ ଆନ୍ଦୋଳନରେ ତାଙ୍କର କୃତିତ୍ୱ ସୀମିତ ନଥିଲା, ଓଡ଼ିଶାର ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ, ସାମାଜିକ ଉତ୍‌ଥାନ ଆଦି ସମସ୍ତ କ୍ଷେତ୍ରରେ ପରିବ୍ୟାପ୍ତ ଥିଲା ତାଙ୍କ କର୍ମ ପରିସର । କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତରେ ଥିଲେ ସେ ଜଣେ ଅଗ୍ରଗଣ୍ୟ, ଉତ୍ତୁଙ୍ଗ ଜନନେତା । ଓଡ଼ିଶାର ଉନ୍ନତି ଓ ଓଡ଼ିଆ ଜାତିର ସ୍ୱାର୍ଥ ପାଇଁ ମଧୁବାବୁ ଥିଲେ ସମର୍ପିତ । ଛାତ୍ର ଜୀବନରୁ ମୃତ୍ୟୁଶଯ୍ୟା ପର୍ଯ୍ୟନ୍ତ ସ୍ୱପରିବାର, ସ୍ୱଜାତିଠାରୁ ଆରମ୍ଭ କରି ଶାସନ ଓ ସାଧାରଣ କ୍ଷେତ୍ରରେ ସମସ୍ତଙ୍କ ସହିତ ସଂଗ୍ରାମ ଓ ସଂଘର୍ଷ ଭିତରେ ଅତିବାହିତ ହୋଇଛି ତାଙ୍କର ସମଗ୍ର ଜୀବନ କାଳ । ମନସ୍ୱୀ ମଧୁସୂଦନଙ୍କ ବହୁମୁଖୀ ବ୍ୟକ୍ତିତ୍ୱ, ଯଶସ୍ୱୀ ଜୀବନକାଳ ଧରି ଉତର ପୁରୁଷଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ । ତାଙ୍କର ଅମର ସ୍ମୃତି ଏ ଜାତିର ହୃଦୟରେ ଚିରକାଳ ଉଜ୍ଜୀବିତ ହୋଇ ରହିଥିବ । ତାଙ୍କର ଜୀବନାଦର୍ଶ ପ୍ରତ୍ୟେକ ଓଡ଼ିଆ ଜାତିକୁ ଜାତି-ପ୍ରେମ-ବହ୍ନିରେ ପ୍ରଜ୍ୱଳିତ କରି ଆସୁଥିବ । ଅନନ୍ୟ କର୍ମଯୋଗୀ ମଧୁସୂଦନଙ୍କ ମହାନ ଜୀବନ ଭାବୁକ, ବୁଦ୍ଧିଜୀବୀ ଓ ଜନନାୟକଙ୍କ ବିଜ୍ଞ ବିଚାର ଓ ଦିବ୍ୟ ଦୃଷ୍ଟିରେ ଆଙ୍କି ଯାଇଛି ଅହେତୁକ ବିସ୍ମୟ ଓ ଭାବାବେଗର ସ୍ୱାକ୍ଷର । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବିଚାରରେ "ମଧୁସୂଦନ ଦାସ ଥିଲେ ଜଣେ ମହାନ୍ ଦେଶଭକ୍ତ । ଧର୍ମ ବିଷୟରେ ତାଙ୍କର ଥିଲା ଅତି ଉଦାର ନୀତି । ସେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ହିନ୍ଦୁ ଧର୍ମ ପ୍ରତି ତାଙ୍କର ପ୍ରଗାଢ଼ ବିଶ୍ୱାସ ଓ ଅନୁରାଗ ଥିଲା । ସେ ଶ୍ରମ ମର୍ଯ୍ୟାଦାର କେବଳ ପ୍ରତୀକ ନଥିଲେ, ଦେଶବାସୀଙ୍କୁ ଏହି ସନ୍ଦେଶରେ ଅନୁପ୍ରାଣିତ କରିବାକୁ ଯାଇ ସେ ନିଜକୁ ନିଃଶେଷ କରିଦେଇଥିଲେ ।" ମହାଯୋଗୀ ଶ୍ରୀ ଅରବିନ୍ଦ ମଧୁବାବୁଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ – "ଓଡ଼ିଶାରେ ବର୍ତ୍ତମାନ ଏକ ନବଚେତନା ଓ ନବଜାଗରଣର ସୂତ୍ରପାତ ହୋଇଛି । ଓଡ଼ିଶା ତା'ର ଅସ୍ତିତ୍ୱ ରକ୍ଷା ଲାଗି ଏକ ସୁଦକ୍ଷ ଶକ୍ତିଶାଳୀ ନେତାଙ୍କ ଅଧିନାୟକତ୍ୱରେ ଲାଗି ପଡ଼ିଛି ।" ସ୍ୱର୍ଗତ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ କହିଥିଲେ – "ମଧୁସୂଦନ ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ବୁଦ୍ଧିର ବିଚକ୍ଷଣତା, ନିର୍ଭୀକତା ଏବଂ ଦେଶମାତୃକା ପ୍ରତି ନିବେଦିତ ଭକ୍ତି ଓ ଶ୍ରଦ୍ଧା ଭାବ ଦ୍ୱାରା ମୋ ମନରେ ଗୋଟିଏ ଅଲିଭା ଛାପ ଛାଡ଼ିଯାଇଛନ୍ତି ।" ପଣ୍ଡିତ ଜବାହାରଲାଲ ନେହେରୁ ତାଙ୍କର ସ୍ମୃତିଚାରଣ କରି କହିଛନ୍ତି – "ମଧୁସୂଦନ ଦାସ ଥିଲେ ଜଣେ ମହାନ ନେତା । ସେ କେବଳ ଓଡ଼ିଶାର ବିଶାଳ ବ୍ୟକ୍ତିତ୍ୱ ନଥିଲେ, ଥିଲେ ସମଗ୍ର ଭାରତବର୍ଷର । ମୋର ପିତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ହିସାବରେ ମୁଁ ତାଙ୍କୁ ଦୂରରୁ ନିରୀକ୍ଷଣ କରି ଆସିଛି । ଯେତେବେଳେ ଓଡ଼ିଶାର ସମସ୍ୟା ସମ୍ପର୍କରେ ଆଲୋଚିତ ହୁଏ, ସେତେବେଳେ ମଧୁସୂଦନ ଦାସଙ୍କର ନାମ ଆପେ ଆପେ ଆସିଯାଏ ।" ଉତ୍କଳ କେଶରୀ ଡଃ ମହତାବଙ୍କ ଭାଷାରେ – "ମଧୁ ବାବୁ ୧୯୨୧ ସାଲ ପର୍ଯ୍ୟନ୍ତ ଓଡ଼ିଶାର ଅଦ୍ୱିତୀୟ ନେତା ଥିଲେ । ସବୁଶ୍ରେଣୀର ଲୋକଙ୍କ ଉପରେ ତାଙ୍କର ପ୍ରତିପତି ଥିଲା । ତାଙ୍କର ବାଗ୍ମୀତା ଓ ବିଚକ୍ଷଣ ବୁଦ୍ଧି ଯୋଗୁଁ ସେ ଛାତ୍ର ସମାଜରେ ବଡ଼ ପ୍ରିୟ ଥିଲେ । ତାଙ୍କର ଅନେକ ସୁନ୍ଦର କଳ୍ପନା ଥିଲା । ସ୍ୱଦେଶୀ ଆଡ଼କୁ ତାଙ୍କର ବଡ଼ ଝୁଙ୍କ ଥିଲା । ବ୍ୟବସାୟ ଓ ଅନୁଷ୍ଠାନ ଏପରି କିଛି ନାହିଁ, ଯେଉଁଥିରେ ମଧୁବାବୁ ହାତ ଦେଇ ନଥିଲେ ଓ ଯେଉଁଥିରେ ସେ ସଫଳକାମ ହୋଇନାହାନ୍ତି । ସେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲେ ଓ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଇଥିଲେ । ସାଧାରଣ କାର୍ଯ୍ୟରେ ସେ ବହୁତ ଖର୍ଚ କରୁଥିଲେ । କୋଣାର୍କ ମନ୍ଦିର ପରି ସେ ମୃତ୍ୟୁ ପରେ ସୁଦ୍ଧା ମହାନ ଓ ଗୌରବମୟ ହୋଇ ରହିଛନ୍ତି ।" ସୁରେନ୍ଦ୍ର ମହାନ୍ତିଙ୍କ ଲେଖନୀରେ – "ମଧୁସୂଦନ ଇତିହାସରେ ସ୍ମରଣୀୟ ହୋଇ ରହିବେ । ଓଡ଼ିଆ ଜାତିର ଜନକ, ରେନେସାଁଂର ପ୍ରବର୍ତ୍ତକ ଓ ଭାରତୀୟ ଜାଗରଣର ଅନ୍ୟତମ ପୁରୋଧା ରୂପେ । ରାଜନୀତି ମଧୁସୂଦନଙ୍କ ଥିଲା କର୍ମ ତପସ୍ୟା । କ୍ଷମତା ଓ ସ୍ୱାର୍ଥ ଲିପ୍‌ସାର ବହୁ ଊର୍ଦ୍ଧ୍ୱରେ ରାଜନୀତିକୁ ସେ ଉନ୍ନୀତ କରାଇ ପାରିଥିଲେ, ତିତିକ୍ଷାପୂତ ଏକ ଭାବାଲୋକକୁ ... ଶୂନ୍ୟଗର୍ଭ ପହଲିରେ ନୁହେଁ, ନିଜର ଜୀବନଚର୍ଯ୍ୟାରେ । ସେ ସ୍ୱାର୍ଥମେଧ ଯଜ୍ଞର ଯେଉଁ ହୋମାଗ୍ନି ପ୍ରଜ୍ୱଳିତ କରିଥିଲେ, ସେଥିରେ ସେ ନିଜକୁ ଦେଇଥିଲେ ପୂର୍ଣ୍ଣାହୁତି । ଅତ୍ମପ୍ରତ୍ୟୟହୀନ ଓଡ଼ିଆ ଜାତିକୁ ସେ ତାଙ୍କ ଦୁର୍ବାର ନେତୃତ୍ୱରେ ଦେଇପାରିଥିଲେ ସ୍ୱାଭିମାନ ।' ପିଲାଦିନୁ ଦାରିଦ୍ର୍ୟ ସହିତ ଲଢ଼େଇ, ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରି ଖ୍ରିରସ୍ଥାନ ସ୍ତ୍ରୀ ବିବାହ କରି ନିଜର ସମାଜ ସହିତ ଲଢ଼େଇ, ନିଜେ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିସାରିବା ପରେ ଚର୍ଚ୍ଚ ସର୍ବସ୍ୱ ପାଦ୍ରୀ ସମାଜ ସହ ଲଢ଼େଇ, ଓକିଲାତି ପାସ କରି ଆସି କଟକରେ ପ୍ରତିଷ୍ଠିତ ବଂଗାଳି ଓକିଲମାନଙ୍କ ସହିତ ଲଢ଼େଇ, ନିଜର ସହକର୍ମୀମାନଙ୍କର ଅଦୂରଦର୍ଶିତା ଓ ନ୍ୟୂନତାବୋଧ ସହିତ ଲଢ଼େଇ, ସର୍ବୋପରି ନିଜର ଅଦୃଷ୍ଟ ସହିତ ଲଢ଼େଇ ମଧୁବାବୁଙ୍କୁ ଶେଷ ଆଡ଼କୁ ହୃତ୍‌ବଳ ଓ ହୃତ୍‌ଦମ୍ଭ କରି ପକାଇଥିଲା । ତାଙ୍କ ଜୀବନର ଅନ୍ତିମ କାଳରେ ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନର ଗ୍ରନ୍ଥି ତାଙ୍କ ହାତରୁ ଖସିଯାଇ ଯେମିତି ଅଲଗା ହୋଇ ଯାଇଥିଲା । ସେ କପର୍ଦ୍ଦକଶୂନ୍ୟ ହୋଇ ଯାଇଥିଲେ । ଏଇ ସେଇ ଓଡ଼ିଆ ଜାତି ସର୍ବସ୍ୱ ଦେଶପ୍ରାଣ ମଧୁସୂଦନ ଦାସ । ଏ ଦେଶ, ଏ ଜାତି ପାଇଁ ତାଙ୍କ ଦାନର ପଟାନ୍ତର ନାହିଁ । କର୍ମର କଳନା ନାହିଁ । ତାଙ୍କର ଯଶୋଗାନ ଓ ବୈଶିଷ୍ଟ୍ୟ ବିଚାର ପାଇଁ ଭାଷା ନାହିଁ । ଜାତି ପାଇଁ ସର୍ବସ୍ୱ ଦାନ କରି ସେ ନିଃସ୍ୱ, ନିଃଶେଷ ହୋଇ ଯାଇଛନ୍ତି । କିନ୍ତୁ ତାଙ୍କର ତ୍ୟାଗ, ତପସ୍ୟା ନିଷ୍ଫଳ ହୋଇ ଯାଇନାହିଁ । ତାଙ୍କର ଜୀବନାଦର୍ଶ ଯୁଗ ଯୁଗ ଧରି ଆମ ଯାତ୍ରାପଥର ପାଥେୟ ହୋଇ ରହିଥିବ ।

*କଟକ: ୯୯୩୭୧୭୨୮୧୦*

# ଉତ୍କଳର ସ୍ୱାଭିମାନ- ମଧୁସୂଦନ

◆ ଶ୍ରୀ ଦାଶରଥୀ ଶତପଥୀ

ଓଡ଼ିଆ ମାଟିରେ ଜନ୍ମ ଗ୍ରହଣ କରି, ସମଗ୍ର ଓଡ଼ିଆ ଜାତି ଓ ଜାତୀୟତାର ଅସ୍ମିତାର ବୀଜମନ୍ତ୍ର ବବୁଣିଥିବା ମହାନ ପ୍ରଚଣ୍ଡ ପ୍ରତିଭା ବାଗ୍ମୀ, ସୁବକ୍ତା, ସୁସାହିତ୍ୟିକ, ପ୍ରଥମ ଓଡ଼ିଆ ଓକିଏ ହେଉଛନ୍ତି ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ଉତ୍କଳଗୌରବ କୁଳବୃଦ୍ଧ ମଧୁସୂଦନ, କଟକ ଜିଲ୍ଲାର ସତ୍ୟଭାମାପୁର ଏକ ସଂଭ୍ରାନ୍ତ ପରିବାରର କରଣ ବଂଶରେ୧୮୪୮ ଖ୍ରୀଷ୍ଟାବ୍ଦ ଏପ୍ରିଲ ମାସ ୨୮ ତାରିଖ ମଙ୍ଗଳବାର ଦିନ ମଧୁସୂଦନଙ୍କର ଜନ୍ମ । ସଂପ୍ରତି ତାଙ୍କ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କ ଜୀବନ ଘଟଣା ବହୁ ଥିଲା । ମଧୁସୂଦନ ପିଲାବେଳେ ଉଚ୍ଚଧିଶକ୍ତି ସଂପନ୍ନ, ବଡ଼ ମେଧାବୀ, ତର୍କପ୍ରିୟ ଓ ଚପଳ ଥିଲେ । ତାଙ୍କର ମା' ହିଁ ତାଙ୍କର ପ୍ରଥମ ଗୁରୁ । ସମସ୍ତଙ୍କ ପଛରେ ରହି ନିଜ କାର୍ଯ୍ୟ କରିବାର ଆଦର୍ଶ ମଧୁସୂଦନ ନିଜ ମାଙ୍କ ଠାରୁ ଶିକ୍ଷା କରିଥିଲେ । ତାଙ୍କ ମା' ତାଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ମଧୁସୂଦନ ତାଙ୍କ ମା'ଙ୍କ ଠାରୁ ଗୋଟିଏ ପ୍ରଧାନ ନୀତି ଶୁଖିଥିଲେ ସେଇଟି ହେଉଛି- "ଆଲୋ ସଖୀ ଆପଣା ମହତ ଆପେ ରଖି" । ଅନ୍ୟମାନେ ସବୁ ବେଳେ କୁହନ୍ତି- "ପାଠପଢ଼ିବି, ଓକିଲ ହେବି, ମଧୁ ବାରିଷ୍ଟର ସଂଗେ ଲଢ଼ିବି" । ଯଦି ଦେଖାଯାଏ ଉତ୍କଳ ଗୌରବ ସବୁଥିରେ ପ୍ରଥମ । ଓଡ଼ିଶାରୁ ପ୍ରଥମ ଏମ୍‌ଏ, ପ୍ରଥମ ବିଏବିଏଲଲ ପାଶ କରିବା ଏବଂ ପ୍ରଥମ ଓଡ଼ିଆ ଓକିଲ । ତାଙ୍କର ଦୂରଦୀଗଦର୍ଶିତା ଓ ବିଚକ୍ଷଣ ବୁଦ୍ଧିମତାର ଓକିଲାତି କଳା ଅନନ୍ୟ ଓ ବିରଳ ତଥା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ସବୁ ସମୟ ପାଇଁ ପ୍ରେରଣାର ଉତ୍ସ । ଓକିଲ ଭାବରେ ସେ ସୁବକ୍ତା ଓ ଆଇନଶାସ୍ତ୍ରରେ ତର୍କ ଏବଂ ବଳିଷ୍ଠ ଯୁକ୍ତି ଉପସ୍ଥାପନା ଆମ ସମସ୍ତଙ୍କ ପାଇଁ ଶିକ୍ଷଣୀୟ । ୧୮୮୩ ମସିହାରୁ ୧୮୯୦ ମସିହା ପର୍ଯ୍ୟନ୍ତ ମଧୁସୂଦନ ରେଭେନ୍ସା କଲେଜର ଆଇନ ଅଧାପକ ଥିଲେ । ମଧୁସୂଦନ ହେଉଛନ୍ତି ଅସୀମ ଧୈର୍ଯ୍ୟ, ସହିଷ୍ଣୁତା ତଥା ବିଚକ୍ଷଣତାର ପ୍ରତୀକ । ତାଙ୍କର ବିଚକ୍ଷଣତା, ତାଙ୍କର ମୌଳିକତା ଓ ବାଗ୍ମୀତା ତାଙ୍କୁ ଏକ ନିଆରା ପରିଚୟ ଦିଏ । ମଧୁସୂଦନ ହେଉଛନ୍ତି ଓଡ଼ିଆ ଜାତିର ଶ୍ରେଷ୍ଠ ଜନନାୟକ ଓ ଜାତୀୟ ଭାବନାର ଜନ୍ମଦାତା । ସେ ହେଉଛନ୍ତି ନବ ଉତ୍କଳର ଜନକ । ସେ ନିଜେ ନିଜର ଓ ନବ ଉତ୍କଳର ସ୍ରଷ୍ଟ । ମଧୁସୂଦନ ଏକ ସମୟରେ ଓଡ଼ିଆ ଜାତିକୁ ବଂଚେଇବାକୁ ଚେଷ୍ଟା କରିଥିଲେ । ସେ ହେଉଚନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ । ଛାତ୍ର ଜୀବନ, କଲେଜ ଜୀବନ, ଶିକ୍ଷକତା ଓ ଅଧାପନା, ଓକିଲାତି ଶିଳ୍ପୀ, ଦେଶପ୍ରେମୀ, ମନ୍ତ୍ରୀ, ବକ୍ତା ଓ ସର୍ବୋପରି ବାରିଷ୍ଟର ମଧୁସୂଦନ । ସବୁ ତାଙ୍କର ନିଜସ୍ୱ ପରିଚୟ ଓ ସ୍ୱତନ୍ତ୍ରତାର ବାହକ । ମଧୁବାବୁଙ୍କ ଜୀବନୀ ଓଡ଼ିଆ ଜାତିର ଏକ ମହାକାବ୍ୟ । ସେ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ । ସେଇଥିପାଇଁ ତ ସେ କୁଳବୃଦ୍ଧ ଓ ସବୁରି ପ୍ରିୟ । ସ୍ୱଦେଶୀ ଶିଳ୍ପର ସେ ଥିଲେ ଆଦି ପ୍ରବର୍ତ୍ତକ । ଚଳିତ ଶତାବ୍ଦୀ ଆରମ୍ଭରେ ଓଡ଼ିଶା ଆର୍ଟୱେରେସ ଓ ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା କରି ଓଡ଼ିଶାକୁ ସେ ୟୁରୋପ ବଜାର ମାନଙ୍କରେ ସମନ୍ୱିତ କରାଇ ପାରିଥିଲେ । ପରବର୍ତୀ ପର୍ଯ୍ୟାୟରେ ତାହା ମଧ କ୍ଷତିରେ ଚାଲିଥିଲା । ତିହାସରେ ସ୍ମରଣୀୟ ରହିବ ମଧୁବାବୁଙ୍କ ବହୁମୁଖୀ ପ୍ରତିଭା । ଜୀବନବ୍ୟାପୀ ସାହିତ୍ୟ ସାଧନାରେ ପ୍ରତିଷ୍ଠିତ ହୋଇ ଜାତୀୟତାର ବହ୍ନିକୁ ପ୍ରଜ୍ୱଳିତ କରି ଲେଖିଥିଲେ- "ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କର, ସ୍ୱାର୍ଥକୁ ଦିଅ ଆହୁତି, ସ୍ୱାର୍ଥମେଧ ଯଜ୍ଞେ ଘରିଆଡ଼େ ନାଚ, ଛାତିକୁ ମିଶାଇ ଛାତି ।" ସେ ମଧୁସୂଦନ ଜଣାଣ, ଉତ୍କଳ ସନ୍ତାନ, ଜନନୀର ଉକ୍ତି, ସନ୍ତାନର ଉକ୍ତି ସଂପାଦନ ଜାତି ଇତିହାସ କବିତାର ସ୍ରଷ୍ଟା ଥିଲେ । ଜାତୀୟତାବାଦ କବିତାରେ ସେ ତାଙ୍କର କବିତା ମାଧ୍ୟମରେ ଓଡ଼ିଆ ଜାତିକୁ ଉଦ୍‌ବୋଧନ ଦେଇ ଲେଖିଥିଲେ – " ମା ମା ବୋଲି ଯେତେ ମୁଁ ଖୋଜିଲି, ମାକୁ ପାଇଲି ନାହିଁ, ଭାଇ ଭାଇ ବୋଲି ଯେତେ ମୁଁ ଡାକିଲି, ନ ଦେଲେ ଉତର କେହି ।" ଉତ୍କଳ ସମ୍ମିଳନୀ ପାଇଁ ସେ ଯେଉଁ ବୀଜମନ୍ତ୍ର ବୁଣିଥିଲେ ସେଥିପାଇଁ ସେ ଲେଖିଥିଲେ- "ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ, କୋଟିପ୍ରାଣ ବିନ୍ଦୁ ଧରେ, ତେତାର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ, ଡେଇଁପଡ଼ି ସିନ୍ଧୁନୀରେ ।" " ତୁ ପରା ବୋଲାଉ ଉତ୍କଳ ସନ୍ତାନ" କବିତାରେ ସେ ଉତରଦାୟୀ ମାନଙ୍କୁ ଭୀରୁ, କାପୁରୁଷ ନହୋଇ ସେବା ତ୍ୟାଗ ଓ ତିତିକ୍ଷା ସହ ସଂଗ୍ରାମ କରି ଓଡ଼ିଆ ପ୍ରାଣରେ ଜାତୀୟତାବାଦର ପ୍ରାଣକୁ ଶାଣିତ କରିଥିଲେ । ମଧୁବାବୁ ଜୀବନରେ ବହୁତ କିଛି କରିଛନ୍ତି । କଥାରେ ଅଛି- "ରାଜା ଭଳି ରୋଜଗାର ଓ ଫକୀର ଭଳି ଦେହତ୍ୟାଗ" ଏହି ମହାନ ଆତ୍ମାଙ୍କର ପରଲୋକ ଘଟିଥିଲା ଫେବୃଆରୀ ୪, ୧୯୩୪ ମସିହାରେ । ତାଙ୍କର ଦେଶପ୍ରତି, ସ୍ୱାଭିମାନ, ଚିନ୍ତା ଓ ଚେତନା ଆମ ସମଗ୍ର ଓଡ଼ିଆ ଜାତିର ଧେୟ ହେଉ ଓ ମଧୁବାବୁଙ୍କ ଆଦର୍ଶରେ ଆଗାମୀ ଉତରପିଢ଼ୀ ଦିଗଦର୍ଶିତ ହୁଅନ୍ତୁ ।

*ସଚିବ- ଓଡ଼ିଶା ବିଧାନସଭା,*
*୯୩୩୭୪୪୯୩୭୩*

## ଉତ୍କଳଗୌରବଙ୍କ ଗୌରବ ବାଣୀ

⏮ ଆପଣ ସହି ଯାଆନ୍ତୁ- ଆପେ ଆପେ ନମ୍ରତା ଓ ପବିତ୍ରତା ଆସିଯିବ, କାରଣ ଏହା ସଫଳତାର ପ୍ରଥମ ସୋପାନ ।

⏮ ଏପରିକି ବାହୁ ବଳରେ, ସଂଖ୍ୟାରେ, ହାତ ହତିଆରରେ ଯିଏ ଅପେକ୍ଷାକୃତ, ସେ ମଧ୍ୟ ନୈତିକ, ମାନସିକ ବଳରେ ଉତ୍କର୍ଷ ଦ୍ୱାରା ପ୍ରବଳ ପ୍ରତିଦ୍ୱନ୍ଦିକୁ ହଟାଇ ଦେଇପାରେ ।

⏮ ଜଣେ ବ୍ୟକ୍ତିର ସୌହାର୍ଦ୍ଦ୍ୟପପୂର୍ଣ୍ଣ, ଭାବଯୁକ୍ତ, ପ୍ରଶଂସାପତ୍ର ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ ।

⏮ ଜଣେ ପାଠକ ଯେତେ ବେଶି ସ୍ଥିର ଅଭ୍ୟାସ ରଖିବ, ତା'ର ପଢ଼ିବା ପାଇଁ ସେତିକି ଆଗ୍ରହ ବଢୁଥିବ ।

⏮ ଦାୟିତ୍ୱ ସଂପାଦନ କଲେ ଶାନ୍ତି ଓ ଅନ୍ୟର ସେବା କଲେ ସୁଖ ଆପେ ଆପେ ମିଳିଥାଏ ।

⏮ ଶାନ୍ତିରେ ରହିବାକୁ ହେଲେ ଜନମତକୁ ଆଦୌ ଗୁରୁତ୍ୱ ଦେବା କଥା ନୁହେଁ ।

⏮ ଶିକ୍ଷାଲାଭ କରୁଥିବା ବିଷୟକୁ ଦୈନନ୍ଦିନ ଜୀବନ ଧାରାରେ ସାମିଲ କଲେ ତାହା ଜୀବନ ସାରା ମନେ ରହିଯାଏ ।

⏮ ଥରେ ଦାୟିତ୍ୱ ଏଡ଼ାଇ ଦେଲେ, ପୁଣି କେବେ ନା କେବେ ସେହି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ, ତେଣୁ ପ୍ରଥମରୁ ହିଁ ଦାୟିତ୍ୱଟିକୁ ସଂପନ୍ନ କରିବାକୁ ଚେଷ୍ଟା କରନ୍ତୁ ।

⏮ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ, ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ ।

⏮ ବିଗତ ଜୀବନର ଅନୁଭୂତି ଏକ ଶିକ୍ଷା ହେଉ ସିନା ସେଥିପାଇଁ ଶୋଚନା କରନ୍ତୁ ନାହିଁ, ବରଂ ସେହି ଶିକ୍ଷାରୁ କିଛି ଶିଖ, ବର୍ତ୍ତମାନ କାର୍ଯ୍ୟରେ ବ୍ୟବହାର କରନ୍ତୁ, ଦେଖିବେ କେତେ ଶାନ୍ତି ମିଳୁଛି ।

⏮ ମନ ପସନ୍ଦ ବହିଟିଏ ବା ପତ୍ରିକାଟିଏ ପଢ଼ିଲେ ଆନନ୍ଦ ମିଳେ ଆଉ ତା' ସାଙ୍ଗକୁ କିଛି ମୂଲ୍ୟବାନ ତଥ୍ୟ ମଧ ମନେ ରହିଯାଏ ।

# ଏ ଜାତିକୁ ଆଉ ଜଣେ ମଧୁବାରିଷ୍ଟର ଦରକାର !!

◆ ବାଦଲ ଭୂୟାଁ

ମହାନ ଉତ୍କଳୀୟ ସଂସ୍କୃତି, ବିଭବ, ଅଭିବୃଦ୍ଧିକୁ ନେଇ ତାର ମହନୀୟତା ଯୁଗେ ଯୁଗେ ଗରୀୟାନ । ଆଜି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ । ବର୍ତ୍ତମାନର ପିଢ଼ୀ ହୁଏତ ମଧୁବାବୁଙ୍କୁ ଗୁଗୁଲରେ, ମୋବାଇଲ ରେ ଜାଣିବାର ସୁଯୋଗ ପାଇବେ । ବାସ୍ତବ କଥା ହେଉଛି ଅର୍ଜିକାର ମୂଲ୍ୟବୋଧହୀନ ଓ ସ୍ୱାର୍ଥଲିପ୍‌ସୁ ଜୀବନ ଭିତରେ ନିଜ ରାଜ୍ୟ, ସଂସ୍କୃତି ଓ ଭାଇଚାରାକୁ ବନ୍ଧନୀରେ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଯେଉଁ ନିଃସ୍ୱାର୍ଥପର ତ୍ୟାଗ କରିଯାଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ପ୍ରତିବର୍ଷ ପରି ଆଜିର ଦିନରେ ସରକାରୀ ଓ ବେସରକାରୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ବକ୍ତା ମାନେ ଗଳା ଫଟାଇ ମଧୁବାବୁଙ୍କ ଉପରେ ବହୁତ ଭାଷଣ ଦେବେ । ମଧୁବାବୁ କିପରି ବହୁକ୍ଷେତ୍ରରେ ପ୍ରଥମ ଥିଲେ, ତାଙ୍କ ଉଦ୍ୟମରେ କିପରି ଏ ରାଜ୍ୟର ଗଠନ ସମ୍ଭବ ହୋଇଥିଲା ସେନେଇ ଇତିହାସର ପୃଷ୍ଠାକୁ ବକ୍ତାମାନେ ସ୍ମରଣୀୟ କରି ଗଢ଼ି ତୋଳିବେ । କିନ୍ତୁ ଦିନକ ପରେ ସମସ୍ତେ ପୁଣି ଭୁଲିଯିବେ ମଧୁବାବୁଙ୍କୁ । କେଉଁ ପରିସ୍ଥିତିରେ କିଭଳି ଅଦମ୍ୟ ସଂକଳ୍ପ ନେଇ ମଧୁବାବୁ ଏ ଜାତି ପାଇଁ ସଂଗ୍ରାମ କରିଥିଲେ ଏବଂ ଅଧ୍ୟବସାୟ ଫଳରେ ଓଡ଼ିଆମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ, ତାହାର ମୂଲ୍ୟ ଯିଏ ନବୁଝିଛି ଏବଂ ସେହି ଅନୁସାରେ ନିଜର ଅବଦାନ ଦେବା ପାଇଁ ଆଗ୍ରହୀ ନ ହୋଇଛି ତାହେଲେ ଏସବୁ ଲୋକଦେଖାଣିଆ ସ୍ମୃତିଚାରଣର କିଛି ଅର୍ଥ ନାହିଁ । ସମ୍ପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିରେ ମଧୁବାବୁ ଏକ ସ୍ୱତନ୍ତ୍ର ଓଡ଼ିଆ ଜାତି ପାଇଁ ସଂଘର୍ଷ କରି ବହୁ ପ୍ରଥମ ପରିଚୟର ସ୍ରଷ୍ଟା ହୋଇଥିଲେ । ନିଜେ ଦେବାଳିଆ ମଧ୍ୟ ହୋଇଥିଲେ । କିନ୍ତୁ ତାଙ୍କୁ ବିରୋଧ କରି ବହୁ ବ୍ୟକ୍ତି ସେତେବେଳେ ବି ମୁଣ୍ଡ ଟେକିଥିଲେ । ତାଙ୍କ ସ୍ୱାଭିମାନର ପରିଭାଷାକୁ ବହୁ ବ୍ୟକ୍ତି ହୃଦୟଙ୍ଗମ କରିନପାରି ତାଙ୍କୁ ଅହଙ୍କାରୀ କହୁଥିଲେ, ପାଗଳ କହୁଥିଲେ । କିନ୍ତୁ ଏହି ପାଗଳାମୀ ଏହି ଅହଙ୍କାର କେବଳ ଓଡ଼ିଆ ଜାତିର ଉନ୍ନତିକଳ୍ପେ ଉଦ୍ଦିଷ୍ଟ ଥିଲା ଏକଥା ଲୋକେ ବହୁ ପଛରେ ବୁଝିଲେ । ସେ ନିଜ ଜୀବଦ୍ଦଶାରେ ଯାହା କରିଯାଇଛନ୍ତି ତାହା ଆଜି କଳ୍ପନା କଲେ ଆଚମ୍ଭିତ ହେବାକୁ ପଡ଼େ । ଦଧିଚି ସଦୃଶ ସେ ଓଡ଼ିଆ ଜାତି ପାଇଁ ତିଳ ତିଳ କରି ନିଜକୁ ଦଗ୍ଧ କରିଥିଲେ । କିନ୍ତୁ ବାସ୍ତବରେ ଆମେ ସେହି ଅବଦାନର ମୂଲ୍ୟ ବୁଝିପାରିଛୁ କି ? ଆମେ କେବଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ, ଉଚ୍ଚାକାଂକ୍ଷା, ଈର୍ଷା, ଦ୍ୱେଷ ଆଦିରେ ଘାଂଟି ହୋଇ ସାମୂହିକ ଉନ୍ନତିର କଥା ଭୁଲିଯାଉଛୁ । ହେଲେ ସେଥିପାଇଁ ଆମର ଲଜ୍ଜା କିମ୍ବା ଅନୁଶୋଚନା ନାହିଁ । ଆଜି ରାଜ୍ୟ ପାଇଁ କଣ କଲେ ଆମର ବିକାଶ ହୋଇପାରିବ, ରାଜ୍ୟର ସ୍ୱାଭିମାନ ରକ୍ଷା ହୋଇପାରିବ, ସମସ୍ତେ ଓଡ଼ିଶାକୁ ଏକ ସମ୍ମାନଜନକ ଦୃଷ୍ଟିରେ ଦେଖିବେ, ସେକଥା ସମ୍ଭବ କରିବା ଦିଗରେ କାହାରି ଉଦ୍ୟମ ନାହିଁ । ଯଦିବା କିଛିଲୋକ ଏ ଦିଗରେ ପ୍ରୟାସ କରୁଛନ୍ତି ସେମାନଙ୍କୁ ନା ଉପଯୁକ୍ତ ସମର୍ଥନ ମିଳୁଛି ନା ସୁବିଧା ।ଦୁଃଖର କଥା ହେଉଛି ଆଜିର ଓଡ଼ିଶା ଅତୀତର ଓଡ଼ିଶା ନୁହେଁ, ସମୟ କ୍ରମେ ଏଠାରେ ଅନେକ ପରିବର୍ତ୍ତନ ସଂଘଟିତ ହୋଇସାରିଛି । ବହୁ ସୁବିଧା ସୁଯୋଗ ମଧ୍ୟ ଉପଲବ୍ଧ । ତା ସତ୍ତ୍ୱେ ଆମେ ଆମର ଓଡ଼ିଆତ୍ୱ, ଆମ ଭାଷା, ସଂସ୍କୃତି, ବିକାଶ ପାଇଁ ମାର୍ଗ ସବୁକିଛି ଭୁଲିଯିବା ପରି ମନେହେଉଛି । ଆମେ ଅନୁକରଣପ୍ରିୟ ହୋଇ କେତେବେଳେ ଅନ୍ୟ ରାଜ୍ୟ ଅଥବା ବିଦେଶୀ ଢ଼ାଁଚାର ମାୟାରେ ପଡ଼ିଯାଉଛୁ ଆଉ ନିଜ ପରିଚୟ ଭୁଲିଯାଉଛୁ । ଯଦି ଜଣେ ବାସ୍ତବରେ ମଧୁବାବୁଙ୍କ ଜୀବନ ଏବଂ ତାଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରେ ତେବେ ସେ ସବୁ ଆଧୁନିକତା ଭିତରେ କିପରି ମୌଳିକତ୍ୱ ରକ୍ଷା କରାଯାଇପାରେ ଏବଂ ନିଜ ମାଟିର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରେ ସେ ସଂପର୍କରେ ପ୍ରକୃତ ମାର୍ଗଦର୍ଶନ ପାଇପାରିବ । ମଧୁବାବୁ ଏଇ ମାଟିରୁ ଉଠି ବଢ଼ିଥିଲେ, ଇଂରାଜୀ ଶିକ୍ଷା ପାଇଥିଲେ, କଲିକତା ଭଳି ବଙ୍ଗଳା ମୁଲକରେ ପାଠ ପଢ଼ିଥିଲେ, ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ, ବିଦେଶ ଯାଇଥିଲେ, ବିଦେଶୀ ଉଚ୍ଚଶିକ୍ଷା ପାଇଥିଲେ ଏବଂ ବିଦେଶୀ ଆଦବକାଇଦା ଚଳଣୀ ସବୁକିଛି ଶିଖି ସେଇ ଅନୁସାରେ ଚଳୁଥିଲେ ମଧ୍ୟ । କିନ୍ତୁ ସମାନ୍ତରାଳ ଭାବେ ସେ ଓଡ଼ିଆ ପଗଡ଼ି ବାନ୍ଧୁଥିଲେ, ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପାଇଁ ଦାବି କରୁଥିଲେ, ଓଡ଼ିଆଙ୍କ ପାଇଁ ଶକ୍ତିଶାଳୀ ବଙ୍ଗାଳୀ, ତେଲୁଗୁ ଗୋଷ୍ଠୀ ଏବଂ ଇଂରେଜ ସରକାରଙ୍କ ସହ ମୁକାବିଲା କରୁଥିଲେ । ଓଡ଼ିଆତ୍ୱ ପ୍ରତିପାଦନ କରୁଥିବା ଏଠାକାର ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ । କ୍ଷତି ହେଲେ ବି ମାନ ସଂକ୍ରାନ୍ତରେ ବୁଝାମଣା କରୁନଥିଲେ, କାଳେ ଓଡ଼ିଆଙ୍କର ବଦନାମ ହେବ । ଆଜିକାଲି ଏସବୁ ପ୍ରତି କେହି ଧ୍ୟାନ ଦେଉଛନ୍ତି କି ? ଆମ ରାଜ୍ୟରେ ବିଦେଶମୁହାଁ ବିଦେଶୀ ଖିଆ ଲୋକ ଏବେ ମାଳମାଳ । ଓଡ଼ିଶା ଏବଂ ଓଡ଼ିଆ ଏବେ ସେମାନଙ୍କ ପାଇଁ ଏକ ଘୃଣ୍ୟ ଶବ୍ଦ । ଓଡ଼ିଆ ଭାଷାକୁ ଚୁଲିକୁ ଗଲାଣି, ସ୍ୱୟଂ ରାଜ୍ୟର ମୁଖିଆ ଧାଡ଼ିଏ ଓଡ଼ିଆ କହିବା କଷ୍ଟକର । ସେପଟେ ସୀମାନ୍ତ ଅଂଚଳକୁ ଅନ୍ୟରାଜ୍ୟ ଖାଇ ଗଲେଣି, ତା ପ୍ରତି କାହାରି ନିଘା ନାହିଁ । ଯାହା ବି ପ୍ରତିବାଦ କରା ଯାଉଛି ଯେ ତାହା ଏତେ କ୍ଷୀଣ ଏବଂ ବିଳମ୍ବିତ ଯେ ସେଥିରୁ ଫାଇଦା କିଛି ମିଳୁନି । ଓଡ଼ିଶାକୁ ଏବେ ଲୁଟେରାଙ୍କ ଭୂସ୍ୱର୍ଗରେ ପରିଣତ କରାଯାଇଛି, ଏଠାକାର ଉଦ୍ୟୋଗୀଙ୍କ ପାଇଁ ପ୍ରୋତ୍ସାହନ ଶୂନ । ସମସ୍ତେ ସ୍ୱାର୍ଥପର ଯାତ୍ରୀ, ସ୍ୱାର୍ଥମେଧ ଯଜ୍ଞରେ ଆହୂତି ଦେବା କାହାଦ୍ୱାରା ସମ୍ଭବ ନୁହେଁ । ଏଭଳି କ୍ଷେତ୍ରରେ ଆମେ ମଧୁବାବୁଙ୍କ ସ୍ମୃତିଚାରଣ କରିବା ପାଇଁ କେତେ ଦୂର ଯୋଗ୍ୟ ସେ ସଂପର୍କରେ ବିଚାର କରିବା ଉଚିତ । ଓଡ଼ିଶା ଠାରୁ ସୁଦୂର କିଛି ବାଟ ପରେ ଝାଡ଼ଖଣ୍ଡର ଟାଟା ନଗରରେ ଓଡ଼ିଆ ପ୍ରେମୀମାନେ ଏହି ଦିବସରେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି । ମଧବାବୁ ବିକଳ ହୋଇ ମାଆକୁ ଖୋଜି ଥିଲେ, ଭାଇକୁ ଖୋଜିଥିଲେ, କାହାଠୁ ଉତର ପାଇନଥିଲେ । ଆଜି ମଧ୍ୟ ଆମେ ତାଙ୍କୁ ଉତର ଦେବା ସ୍ଥିତିରେ ନାହୁଁ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଂଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର : ୭୪୮୮୯୯୮୫୩୨*





# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା ଅନୁଷ୍ଠିତ



କଟକ : 'ପ୍ରାଚୀ' ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାର ସ୍ଥିତ ଏଲ.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି 'ପରିବେଶ ସୁରକ୍ଷା ଓ ଆମ ଦାୟୀତ୍ୱ' ଶୀର୍ଷକ ପ୍ରସଙ୍ଗ ଉପରେ ଅଲୋଚନା କରିଥିଲେ । ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦ□ ଖଣ୍ଡାୟତରାୟ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଇଂ ହରିହର ସେଠୀ ଓ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଆଦିତ୍ୟ ପ୍ରତାପ ଧଳ ଯୋଗଦେଇ ବର୍ତମାନ ଯୁଗରେ ପରିବେଶବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ । ସମ୍ମାନନୀୟ ଅତିଥି ରୂପେ କୁନଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ । କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ପ୍ରଫେସର ଡକ୍ଟର ଲବଙ୍ଗଲତା ବିଶୋଇ, ସ୍ନେହଲତା ଦ୍ୱିବେଦୀ, ଡ଼କ୍ଟର ଶୁଭଶ୍ରୀ ପଟ୍ଟନାୟକ, କ୍ଷୀରୋଦ ଜେନା, ଉତମ ଚରଣ ପ୍ରଧାନ, ଗୀତାଞ୍ଜଳି ନାୟକ, ମନୋଜ ବସନ୍ତରାୟ, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ରଂଜନ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶତବର୍ଷର ଓଡ଼ିଶାରେ ଭଦ୍ରକର ସ୍ମୃତି ଅନନ୍ୟ, ପ୍ରଥମ 'ବୈଶାଖୀ ମେଳା-୨୦୨୬' ଉଦ୍‌ଘାଟିତ

ଭଦ୍ରକ : ଭଦ୍ରକୀୟ ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ଅନନ୍ୟ ମହାପର୍ବ ବୈଶାଖୀ ମେଳା ୨୦୨୬ ଐତିହାସିକ ନେହେରୁ ଷ୍ଟାଡିୟମ୍ ପରିସରରେ ଆରମ୍ଭ ହୋଇଯାଇଛି । ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଶହେବର୍ଷର ଓଡ଼ିଶା- ୨୦୩୬ ଓ ଭଦ୍ରକ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଥିଲା । ଉଦଘାଟକ ଭାବେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଓଡ଼ିଶା ଗଠନ ଶତବର୍ଷ ପୂର୍ତି ଆଡ଼କୁ ଅଗ୍ରସର ହେଉଥିବାବେଳେ ଭଦ୍ରକର ସଂସ୍କୃତି ଓ ସ୍ୱାଭିମାନ ସାରା ରାଜ୍ୟ ପାଇଁ ଏକ ମାର୍ଗଦର୍ଶକ ସଦୃଶ । ଆଜିର ବୈଶାଖୀ ମେଳା କେବଳ ଏକ ଉତ୍ସବ ନୁହେଁ, ବରଂ ଆମ କଳା, ସାହିତ୍ୟ ଓ ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଁଚାଇବାର ଏକ ସାରସ୍ୱତ ସେତୁ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ କହିଲେ, ଭଦ୍ରକ ହେଉଛି ଏକ ସମୃଦ୍ଧ ସାଂସ୍କୃତିକ ପ୍ରାଣକେନ୍ଦ୍ର ଓ ଆଜିର ଏହି 'ବୈଶାଖୀ ମେଳା' ଜିଲ୍ଲାର ପୁରାତନ ଗୌରବକୁ ପୁନର୍ଜୀବିତ କରିବାର ଏକ ମାଧ୍ୟମ । ୨୦୩୬ ମସିହାର ବିକଶିତ ଓଡ଼ିଶା ଗଠନରେ ଭଦ୍ରକର ବୌଦ୍ଧିକ ଓ ସାଂସ୍କୃତିକ ଯୋଗଦାନ ଅପରିହାର୍ଯ୍ୟ ହେବ ବୋଲି ବିଶ୍ୱାସ । ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଡକ୍ଟର ଅମୂଲ୍ୟ କୁମାର ନାୟକ ଯୋଗ ଦେଇ ଥିଲେ । ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣରେ ଭଦ୍ରକର ଭୂମିକା ଓ ବିକାଶର ରୂପରେଖ ସମ୍ପର୍କରେ ଚିନ୍ତନ କରାଯିବାର ବେଳ ଉପଗତ ବୋଲି ମତବ୍ୟକ୍ତ କରିଥିଲେ । ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆହ୍ୱାନ କରି ଥିବା ବେଳେ ଭଦ୍ରକ ପୂଜ୍ୟପୂଜା ସଂସଦ ସମ୍ପାଦକ ରୂପକ ବିହାରୀ ରାୟ ଅତିଥି ପରିଚୟ ଓ ରଂଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ତିହିଡ଼ି ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଅଧିବକ୍ତା ଗଦାଧର ବଳ, ସାହିତ୍ୟିକ ଶାନ୍ତନୁ ରାଉତ, ବସୁମିତ୍ରା ସାହୁ, ଲଲାଟେନ୍ଦୁ ମହାନ୍ତି, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବାରିକ୍, କବି ମାନସ ପଣ୍ଡା, କୈଳାସ ମହାପାତ୍ର, ସୁଶାନ୍ତ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ମନୋରଞ୍ଜନ ଦାସ, ଲୋକନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସୂଚନାଯୋଗ୍ୟ ଯେ, ଆଜିଠାରୁ ଆରମ୍ଭ ହୋଇ ଏହି ମେଳା ଆସନ୍ତା ମଇ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ମେଳାରେ ବିଭିନ୍ନ ମନୋହରି ଦୋକାନ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଷ୍ଟଲ୍, ହସ୍ତଶିଳ୍ପ ଓ କାରୁକାର୍ଯ୍ୟ, ଗୃହଉପକରଣ, ମହିଳାଙ୍କ ପ୍ରସାଧନୀ, କୃଷି, ସ୍ୱାସ୍ଥ୍ୟ, ଶିଳ୍ପ ପ୍ରତିଷ୍ଠାନ, ଖେଳଣା ସାମଗ୍ରୀ ଓ ବିଭିନ୍ନ ଦୋଳି ଇତ୍ୟାଦି ପାଖରେ ଜନଗହଳି ଦୃଶ୍ୟମାନ ହୋଇଥିଲା । ଭଦ୍ରକର ସର୍ବପ୍ରଥମ ଐତିହ୍ୟସମ୍ପନ୍ନ ଓ ସଂସ୍କୃତିର ଏହି ମହାକୁମ୍ଭକୁ ଜିଲ୍ଲାବାସୀ ସ୍ୱାଗତ କରିବା ସହ ସମସ୍ତଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପରିଲକ୍ଷିତ ହୋଇଛି ।

# ବିଶ୍ୱଶାନ୍ତି ଶନିଶ୍ଚର ମହାଯଜ୍ଞ : ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଧର୍ମଶାଳା : ବିଭିନ୍ନ ଶନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ । ଏହି ଦିନରେ ବ୍ରତ ସହ ଗ୍ରହରାଜଙ୍କ ଉପରେ ଜଳାଭିଷେକ କଲେ ଶନିଙ୍କ କୋପ ପଡିବ ନାହିଁ । ତେବେ ଆଜି ଶନି ଓଷା ହୋଇ ଥିବାରୁ ଯାଜପୁର ଜିଲାର ସମସ୍ତ ଶନି ମନ୍ଦିରରେ ଭକ୍ତଙ୍କୁ ନାହିଁ ନ ଥିବା ଭିଡ ଦେଖିବାକୁ ମିଳିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ଓ ରସୁଲପୁର ବ୍ଲକର ୨୦ରୁ ଉର୍ଦ୍ଧ ଶନି ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି । ବିଶେଷ କରି ଏହି ବ୍ଲକ ଦେଓଦା ଓ ମଙ୍ଗଳପୁର ପଂଚାୟତସ୍ଥ ପଂଚାୟତ ବାସୁଦେବପୁର ନିରଘାଟ ଶନି ମନ୍ଦିର ଜିଲାରେ ବେଶ୍ ପରିଚିତ । ଆଜି ଏହି ମନ୍ଦିରରେ ଭୋର ସମୟରେ ପଣ୍ଡିତ ମଦନ ନନ୍ଦଙ୍କ ଦ୍ୱାରା ବିଶେଷ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ପୂଜାକର୍ମରେ ମୁଖ୍ୟକର୍ତା ରଂଜନ କୁମାର ପାଣି ସହଯୋଗ କରି ଥିଲେ । ସକାଳୁ ସକାଳୁ ସ୍ଥାନୀୟ ୨୦ ଗୋଟି ପଂଚାୟତର ଶହଶହ ଭକ୍ତ ଏଠାକୁ ଆସି ପୂଜାର୍ଚ୍ଚନା କରିଛନ୍ତି । ବ୍ରାହ୍ମଣୀର ଶାଖା କେଲୁଅ ନଦୀରୁ ମାନସିକଧାରୀ ମାନେ କଳସରେ ପାଣି ଆଣି ଶନିଙ୍କ ପରେ ଜଳାଭିଷେକ କରିଥିଲେ । ଜଳ ଲାଗି କଲେ ଶନି ପ୍ରସନ୍ନ ହୁଅନ୍ତି ବୋଲି ଭକ୍ତ ମାନଙ୍କ ବିଶ୍ୱାସ ରହିଛି । ପରେ ଭକ୍ତମାନେ ଦୀପ ଜାଳି ଶନି ଦେବଙ୍କୁ ନିଜର ଗୁହାରୀ ଶୁଣାଇଛନ୍ତି । ସୁରେନ୍ଦ୍ର ପାଣି, ପ୍ରସନ୍ନ ପାଣି, ସୁଜିତ ପାଣି,ବିଜୟ କୁମାର ପାଣି, ନିରଞ୍ଜନ ମହାନ୍ତି, ନବଘନ ପାଣି, ଧର୍ମେନ୍ଦ୍ର ପାଣି, କୁଳମଣୀ ସାହୁ, ନାରଣ ସାହୁ, ଶ୍ୟାମସୁନ୍ଦର ବେହେରା, ଶତ୍ରୁଘ୍ନ ସାହୁ, ଶରତ ସାହୁ, ବୀର କିଶୋର ସାହୁ, ବସନ୍ତ ସାହୁ, ତୈଲୋକ୍ୟ ବେହେରା, ରଶ୍ମି ରଂଜନ ସାହୁ, ଜଗତ ସାହୁ, ରବିନ୍ଦ୍ର ସାହୁ, ଅକ୍ଷୟ ମଳିକ, ନିରଞ୍ଜନ ମଳିକ, ସନ୍ତୋଷ ମଳିକ, ପ୍ରଫୁଲ୍ଲ ମଳିକ, ନିତ୍ୟାନନ୍ଦ ମଳିକ, ଦାମ ମଳିକ ଓ ସ୍ୱରାଜ ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜନସମାଗମକୁ ଦୃଷ୍ଟିରେ ରଖି ଧର୍ମଶାଳା ଥାନା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବିଶେଷ କରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି । ସେହିପରି ଭାବେ ରସୁଲପୁର ବ୍ଲକ ବ୍ରହ୍ମବରଦା ହାଟଠାରେ ବିଶେଷ ରିତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି । ଭକ୍ତମାନେ ଶହଶହ ସଂଖ୍ୟାରେ ଯୋଗ ଦେଇ ବ୍ରାହ୍ମଣୀ ନଦୀରୁ କଳସୀ ଜଳ ସଂଗ୍ରହ କରି ମନ୍ଦିରରେ ଜଳାଭିଷେକ କରିଥିଲେ । ଦିପକ ସାହୁ, ଅତୁଲ୍ୟ ରାଉତ,ସୁଧିର ବେହେରା ,ଅଜୟ ବେହେରା, ନକୁଳ ଦାସ, ଅକ୍ଷୟ ଗିରି, ଅଶୋକ ଦାସ, ହାଡିବନ୍ଧୁ ଦାସ ଓ କମଳ ଦାସ ପ୍ରମୁଖ ଯଜ୍ଞ କର୍ମରେ ସହଯୋଗ କରିଥିଲେ । ବ୍ରହ୍ମବରଦା ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ନିମେନ୍ତ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ନୂଆପଡ଼ାରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ

ନୂଆପଡ଼ା : ନୂଆପଡ଼ା ଜିଲ୍ଲାରେ ସ୍ଥାନୀୟ ସଦଭାବନା ସଭାଗୃହରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କୃଷି ବିଜ୍ଞାନ କେନ୍ଦ୍ର ନୂଆପଡ଼ାର ପ୍ରମୁଖ ବୈଜ୍ଞାନିକ ଡ଼ା. ଲବ ସୋରେନ ଏବଂ ଉପ ନିର୍ଦ୍ଦେଶକ ଡ଼ା. କେ. ପାର୍ଥ ସାରଥୀ ଦୋରା ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ନିଜ ଉଦବୋଧନରେ ପ୍ରାଣୀ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରି "ପ୍ରାଣୀ ପାଇଁ ଦିନଟିଏ"ର ମହତ୍ୱ ବ୍ୟାଖ୍ୟା କରିଥିଲେ । ସେ କହିଥିଲେ ଯେ, ସୁସ୍ଥ ସମାଜ ପାଇଁ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଅତ୍ୟାବଶ୍ୟକ ଏବଂ ପ୍ରାଣୀଧନର ଉନ୍ନତି ଦେଶର ଆର୍ଥିକ ଉନ୍ନତିକୁ ଗତି ଦେଇଥାଏ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଖେନ୍ଦୁ ରାୟ ଜିଲ୍ଲାର ପ୍ରାଣୀ ସମ୍ପଦ ବିକାଶ ବିଭାଗର ସଫଳତା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ୨୫୩ ଜଣ ଚାଷୀଙ୍କୁ ସ୍ୱାବଲମ୍ବୀ କରାଯାଇ ଥିବା ସହ ଦୁଗ୍ଧ ଉତ୍ପାଦନ ୧୭.୪୮ ଟିଏମଟିକୁ ପହଂଚିଛି, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୧୫୦ ପ୍ରତିଶତ ଅଧିକ । ଛେଳି ପାଳନରେ ବୃଦ୍ଧି ପାଇଁ ମାଂସ ଉତ୍ପାଦନ ୧.୧୧ ଟିଏମଟିକୁ ବଢ଼ିଛି, ଯାହା ୧୩୫ ପ୍ରତିଶତ ବୃଦ୍ଧି ସୂଚିତ କରେ । ଏହା ସହିତ ମାଂସଳ କୁକୁଡ଼ା ସଂଖ୍ୟା ଚଳିତ ବର୍ଷ ୪.୫ ଲକ୍ଷକୁ ପହଂଚିଛି, ଯାହା ଗତ ବର୍ଷ ତୁଳନାରେ ତିନିଗୁଣ ଅଧିକ । ଅତିଥିମାନେ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି କୃଷି ଓ ପ୍ରାଣୀ ପାଳନରେ ଆଗେଇବାକୁ ପରାମର୍ଶ ଦେଇଥିଲେ । ପ୍ରାଣୀ ସମ୍ପଦ ବିକାଶ ବିଭାଗ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଶ୍ରମିକମାନେ ସ୍ୱାବଲମ୍ବୀ ହେବାର ନୂତନ ଦିଗ ପାଇଥିବା ଉଲ୍ଲେଖ କରିଥିଲେ । ଏହି ଅବସରରେ ଜିଲ୍ଲାର ୫ ଜଣ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପାଳନ କ୍ଷେତ୍ରରେ ରତ୍ନାକର ପଟେଲ (ଖରିଆର), ବତକ ପାଳନରେ ଦିଲଚନ ନାଏକ (କୋମନା), ଛେଳି ପାଳନରେ ଅକ୍ରୁର ହଂସ (କୋମନା), ଘୁଷୁରୀ ପାଳନରେ ରଥୁରାମ ଦୀପ (ନୂଆପଡ଼ା) ଏବଂ ଘାସ ଚାଷରେ ହିମାଂଚଳ ଭୋଇ (ଖରିଆର)ଙ୍କୁ ପୁରସ୍କୃତ କରାଯାଇଥିଲା ।ସେହିପରି, ଶ୍ରେଷ୍ଠ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ଡ଼ା. ସଂଗ୍ରାମ କେଶରୀ ବେହେରା (ଖରିଆର), ଶ୍ରେଷ୍ଠ ପ୍ରାଣୀ ଚିକିତ୍ସକ ଭାବେ ଡ଼ା. ସତ୍ୟବ୍ରତ ପରିଡ଼ା (ନୂଆପଡ଼ା) ଏବଂ ଶ୍ରେଷ୍ଠ ପ୍ରାଣୀଧନ ନିରୀକ୍ଷକ ଭାବେ ବିମଳ କିଶୋର କୁମ୍ଭାର (ନିଲଜୀ, ସିନାପାଲି)ଙ୍କୁ ସମ୍ମାନିତ କରାଯାଇଥିଲା । ସଭାରେ ଡ଼ା. କିଶୋର କୁମାର ସାହୁ (ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ନୂଆପଡ଼ା), ଡ଼ା. ସିମ୍ପୋନି ମହାନ୍ତି (ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଉତ୍ପାଦନ, ନୂଆପଡ଼ା) ଏବଂ ଡ଼ା. ଶମ୍ଭୁ ପ୍ରସାଦ ସାହୁ (ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ରୋଗ ନିୟନ୍ତ୍ରଣ, ନୂଆପଡ଼ା) ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଡ଼ା. ସସ୍ମିତା ବିଶ୍ୱାଳ ସଭା ପରିଚାଳନା କରିଥିଲେ ଏବଂ ଶେଷରେ ଡ଼ା. ସିମ୍ପୋନି ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ ।

# ରାଜା ଏ.ଟି. ଉଚ୍ଚ ବିଦ୍ୟାଳୟରେ ପୋଷାକ ବଂଟନ ଉତ୍ସବ

ନୂଆପଡ଼ା : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ପିଏମ୍ ଶ୍ରୀ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପୋଷାକ ବଂଟନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ବେହେରା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ନବୀନ କିଶୋର ପାଢୀଙ୍କ ଯୋଗଦେଇ ଅଧ୍ୟୟନ ଓ ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ରଖିଥିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବିଦ୍ୟାଳୟ ଆସିବା ପାଇଁ ଉଦବୋଧନ ଦେଇଥିଲେ । ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରଭୁଦତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସରକାରଙ୍କ ଯୋଜନା ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଂଟନ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ ।

# ସନ୍ତରଣ ଓ ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି : ମାଲକାନଗିରି ଜିଲ୍ଲାରେ ସନ୍ତରଣ ଏବଂ ବୁଡ଼ିଯିବା ସମୟରେ ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ୧୦ମ ବ୍ୟାଚ୍ ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଏବଂ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ଜଳ ଦୁର୍ଘଟଣାରୁ ନିଜକୁ ଏବଂ ଅନ୍ୟକୁ ରକ୍ଷା କରିବା ପାଇଁ ପହଁରା ଶିଖିବା ଏକ ଅତ୍ୟନ୍ତ ଜରୁରୀ ଜୀବନ କୌଶଳ । ଅନେକ ସମୟରେ ପହଁରା ଜାଣି ନଥିବାରୁ ଅକାଳରେ ବହୁ ମୂଲ୍ୟବାନ ଜୀବନ ଚାଲିଯାଏ । ଏହି ପ୍ରଶିକ୍ଷଣ ଯୁବପିଢ଼ିଙ୍କୁ କେବଳ ଆତ୍ମବିଶ୍ୱାସ ଦେବ ନାହିଁ, ବରଂ ବିପଦ ସମୟରେ ଜଣେ ଜଣେ ଲାଇଫ୍ ସେଭର୍ ବା ଜୀବନ ରକ୍ଷକ ଭାବେ କାର୍ଯ୍ୟ କରିବାକୁ ସକ୍ଷମ କରିବ । ଜିଲ୍ଲା ପ୍ରଶାସନର ଏହି ପ୍ରୟାସ ଆଗାମୀ ଦିନରେ ଜଳଜନିତ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ । ସେହିପରି ବନଖଣ୍ଡ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି କହିଛନ୍ତି, ମାଲକାନଗିରି ଭଳି ଜଳାଶୟ ଘେରା ଅଂଚଳରେ ଏହି ପ୍ରକାର ପ୍ରଶିକ୍ଷଣର ପ୍ରାସଙ୍ଗିକତା ଅଧିକ । ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ବନ୍ୟା ପରିସ୍ଥିତିରେ ଏହି ତାଲିମ ଅମୂଲ୍ୟ ଜୀବନ ବଂଚାଇବାରେ ସହାୟକ ହେବ । କେବଳ ପହଁରା ନୁହେଁ, ବରଂ ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ କିଭଳି ବୈଜ୍ଞାନିକ ପଦ୍ଧତିରେ ଉଦ୍ଧାର କରାଯାଇପାରିବ, ସେହି କୌଶଳ ପ୍ରତ୍ୟେକ ନାଗରିକ ଜାଣିବା ଉଚିତ୍ । ସୂଚନାଯୋଗ୍ୟ ଯେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ ୧୦ଟି ବ୍ୟାଚ୍ ରେ ୩୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ପ୍ରତି ବ୍ୟାଚ୍ ରେ ୩୦ ଜଣ ପ୍ରଶିକ୍ଷାର୍ଥୀ ସାମିଲ ହୋଇ ଜଳରେ ଜୀବନ ରକ୍ଷା କରିବାର ବିଭିନ୍ନ ପ୍ରାୟୋଗିକ କୌଶଳ ଶିକ୍ଷା କରିଛନ୍ତି । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ନଳଘାସ ଜଙ୍ଗଲରେ ନିଆଁ, ବିପଦରେ ବନ୍ୟଜନ୍ତୁ ସମେତ ଜଳଚର ଜୀବ

ଖୋର୍ଦ୍ଧା : ଚିଲିକାର ନଳଘାସ ଜଙ୍ଗଲରେ ଲାଗିଛି ନିଆଁ । ଏକର ଏକର ବ୍ୟାପୀ ମାଡି ଚାଲିଛି ନିଆଁ । ଖରାଦିନେ ଚିଲିକାରେ ନଳଘାସ ଶୁଖି ଯାଇଥିବାରୁ ବ୍ୟାପକ ଭାବେ ନିଆଁ ଆଗକୁ ଆଗକୁ ମାଡି ଚାଲିଛି । ଚିଲିକା କୁଳିଆ ଗାଁ ଗଡ଼ଖାରଦ, ମାଳି ସାହି, ବାଦୁରାବର ଗାଁ ନିକଟ ଚିଲିକା ମଧ୍ୟରେ ଲାଗିଛି ନିଆଁ । ଗତକାଲି ବିଳମ୍ବିତ ରାତିରେ ଏହି ନିଆଁ ଲାଗିଥିଲା । ନିଆଁ ଲାଗିବା ଫଳରେ ଚିଲିକାରେ ବସବାସ କରୁଥିବା ଜଳ ଜନ୍ତୁ ଏମିତିକି ବନ୍ୟପ୍ରାଣୀ ସିଡିଲ-୧ ବିଲୁପ୍ତ ଫିସିଙ୍ଗକ୍ୟାଟ ସମେତ ଠେକୁଆ, ଗାଡ଼ ଭାଲୁ, କୋକିଶିଆଳି ଆଦି ଜଳଜନ୍ତୁ ସହ ପକ୍ଷୀ ମାନେ ବିପଦରେ ପଡିଛନ୍ତି ।ଚିଲିକା ନଳଘାସ ନିଆଁରୁ ପାଉଁଶ ଉଡିବାରୁ ଭୂଷଣ୍ଡପୁର, ଦେଇପୁର, ଦୋଛଆଁ ଆଦି ଅଂଚଳର ଲୋକେ ଭୟଭୀତ ହୋଇ ପଡିଛନ୍ତି । ଏଣୁ ଚିଲିକା ଉନ୍ନୟନ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବରିଷ୍ଠ ନାଗରିକ ମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ବଲାଙ୍ଗିର : ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡା ଯାହା ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ତରଫରୁ ଏକ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର ବରପାଲି ପଡ଼ା (ଭାଗବତ ମନ୍ଦିର) ବଲାଙ୍ଗୀର ଠାରେ ଅନୁଷ୍ଠିତ ହେଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ମାଗଣା ଔଷଧ ଓ ମାଗଣା ରକ୍ତ ପରୀକ୍ଷା କରାଯିବା ସହ ଡାକ୍ତର ପରାମର୍ଶ ସେବା ଯୋଗାଇ ଦିଆ ଯାଇଥିଲା ।ଏହି ଶିବିରରେ ସ୍ଥାନୀୟ ଆଶା କର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢ଼ୀ, ଭୀମଭୋଇ ମେଡିକାଲ କଲେଜର ଡାକ୍ତର ସୁବନ୍ ଲେଗା ଓ ଅଶୋକ କୁମାର ମହାକୁର ଏବଂ ରାଜେନ୍ଦ୍ର ଯୁବକ ସଂଘ ର ପରିଚାଳକ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ । ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ତରଫରୁ ଏ.ପି.ଏମ ରାମାନୁଜ ପଣ୍ଡା ଓ ୟୁ.ଡି.ଏମ ଅନିଲ କୁମାର ମହାକୁର ତଦାରଖ କରିଥିଲେ । ଶିବିରରେ ୧୦୨ ରୁ ଉର୍ଦ୍ଧ୍ୱ ବରିଷ୍ଠ ରୋଗୀ ମାଗଣା ସେବା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରଟି ସୁଚାରୁ ରୂପେ ପରିଚାଳିତ ହୋଇଥିଲା ।

# ମ୍ୟାଲେରିଆ ମୁକ୍ତ ପାଇଁ ସଂକଳ୍ପ

ମାଲକାନଗିରି : ବିଶ୍ୱ ମ୍ୟାଲେରିଆ ଦିବସ ୨୦୨୬ ଅବସରରେ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ପିରାମଲ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆ ମୁକ୍ତ ମାଲକାନଗିରି ଗଠନ ଦିଗରେ ବ୍ୟାପକ ଆଲୋଚନା କରାଯିବା ସହ ଏକ ସୁଦୃଢ ପଥ ପ୍ରସ୍ତୁତ କରାଯାଇଥିଲା । ମୁଖ୍ୟତଃ ୩-ଟି କୌଶଳ – ଟ୍ରେସ୍, ଟେଷ୍ଟ ଏବଂ ଟ୍ରିଟ୍ – ଉପରେ ଗୁରୁତ୍ୱ ଦିଆଯାଇ ମ୍ୟାଲେରିଆର ଆଗୁଆ ଓ ପୂର୍ଣ୍ଣ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଉପଖଣ୍ଡ ଏବଂ ପଂଚାୟତ ସ୍ତରୀୟ ତଥ୍ୟକୁ ଭିତି କରି ଅଧିକ ମ୍ୟାଲେରିଆ ପ୍ରବଣ ଅଂଚଳଗୁଡ଼ିକୁ ଚିହ୍ନଟ କରାଯାଇଥିଲା ଏବଂ ଆଗାମୀ ୨୦୨୬-୨୭ ବର୍ଷ ପାଇଁ ଏକ ଲକ୍ଷ୍ୟଭିତିକ ଯୋଜନା ପ୍ରସ୍ତୁତ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ଓ ପିରାମଲ୍ ଫାଉଣ୍ଡେସନର ଅଧିକାରୀମାନେ ଔଷଧୀୟ ମଶାରୀର ବ୍ୟବହାର, ନିୟମିତ ସଚେତନତା ଏବଂ ସଠିକ୍ ସମୟରେ ରକ୍ତ ପରୀକ୍ଷା କରି ଚିକିତ୍ସିତ ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଶା କର୍ମୀ, ଶିକ୍ଷକ, ହଷ୍ଟେଲ ଅଧୀକ୍ଷକ, ନର୍ସିଂ ଛାତ୍ରଛାତ୍ରୀ ଏବଂ ପିରାମଲ୍ ଫାଉଣ୍ଡେସନର କର୍ମକର୍ତାମାନେ ଯୋଗ ଦେଇଥିଲେ । ପରିଶେଷରେ, ମ୍ୟାଲେରିଆ ମୁକ୍ତ ମାଲକାନଗିରି ପାଇଁ ସମୂହ ଶପଥ ପାଠ କରାଯାଇ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।

# ବଢୁଚି ତାତି କମୁଛି ଜଳସ୍ତର ଅଧାପନ୍ତରିଆ ମେଗା ଜଳ ଯୋଗାଣ ପ୍ରକଳ୍ପ

ମୁଖୀଗୁଡା : ଜୟପାଟଣା ବ୍ଲକରେ ଖରାର ପ୍ରକୋପ ବୃଦ୍ଧି ପାଉ ଥିବାବେଳେ ଜଳସ୍ତର କମିବାରେ ଲିଗିଛି ।ପ୍ରଚଣ୍ଡ ତାତି ଯୋଗୁଁ ଜନ ଜୀବନ ଅସ୍ତ ବ୍ୟସ୍ତ ହେଉଥିବାବେଳେ ପିଇବା ପାଣି ଲୋକେ ହହଲ ବିକଳ ହେଉଛନ୍ତି । ଅନ୍ୟ ପକ୍ଷେ ବ୍ଲକର ଜନ ସାଧାରଣଙ୍କୁ ପିଇବା ପାଣି ଯୋଗାଣ ଉଦେଶ୍ୟରେ ତିଆରି ହେଉଥିବା କୋଟି କୋଟି ଟଙ୍କାର ମେଗା ପାନୀୟ ଜଳ ଯୋଗାଣା ପ୍ରକଳ୍ପ ଅବଧି ପୁରଣ ହୋଇଥିଲେହେଁ ସରିବାର ନା ଧରୁନଥିବାରୁ ଲୋକେ ଆଗକୁ ଜଳକଷ୍ଟ ଭୋଗିବେ ବୋଲି ଆଶଙ୍କା ଦେଖା ଦେଇଛି । ତଥାପି ଏବେଠୁ ଗାଁ ଗଣ୍ଡାରେ ଜଳ କଷ୍ଟ ଦେଖା ଦେଲାଣି । ପାହାଡି ଅଂଚଳର ଲୋକେ ଖରା ତରାରେ ଦୂର ଦୁରାନ୍ତ କୁ ଯାଇ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳ ପୁର ନିକଟରେ ୧୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୨୦୨୧ ମସିହାରୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରା ଯାଇଛି ।ଏହି ପ୍ରକଳ୍ପ ରୁ ବ୍ଲକର ୨୨ ପଂଚାୟତ ପାଇଁ ୨୨ ଟି ଓଭର ହେଡ଼ ଟେଙ୍କ ଜରିଆରେ ପାଣି ଯୋଗାଣ କରାଯିବ ସେଥିପାଇଁ ଗାଁ ମାନଙ୍କରେ ପାଇପ ଲାଇନ ବିଛାଇବା କାମ ଆରମ୍ଭ ହୋଇଛି ହେଲେ ଠିକା ସଂସ୍ଥାର ମନମାନି ଯୋଗୁଁ କାମ ମନ୍ଥର ଗତିରେ ଚାଲିଛି ।ଯାହାରି ଫଳରେ ଲୋକେ ବିଶୁଦ୍ଧ ପାଣି ପିଇବା ଆଶା ଛାଡି ଦେଲେଣି ।ଅନ୍ୟପକ୍ଷେ ପୁରୁଣା ଟାଙ୍କି ଗୁଡାକ କେଉଁଠି ଚାଲୁ ଥିବା ବେଳେ କେଉଁଠି ବର୍ଷବର୍ଷ ଧରି ଅଚଳ ହୋଇ ଗଲାଣି ଭଇଁପାଲି ଠାରେ ଥିବା ଓଭର ହେଡ଼ ଟେଂକ ୧୦ ବର୍ଷ ହେଲା ଅଚଳ ପଡି ରହିଥିବା ବେଳେ ଲୋକେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଅଁଳାଭଟା ପଂଚାୟତର ଦୁର୍ଗମ ଅଂଚଳ ରେ ଥିବା ପଟାକୁସମୀ, କରଲାକୋଟ, ଟେଂଡକାଟୁଆଁ , କରାଘାଟି, ଦାବିରୀ ଘାଟି ଓ ଧନସୁଳି ପଂଚାୟତ ର ଡ଼ଙ୍ଗରିଗୁଡା ଆଦି ଗ୍ରାମ ମାନଙ୍କରେ ଜଳସ୍ତର କମି ପାନୀୟ ଜଳ ସମଶ୍ୟା ଦେଖା ଦେଇଛି ଲୋକେ ପାଣି ପାଇଁ ନାଳ ଝରଣା ଉପରେ ନିର୍ଭର କରୁଥିବା ଅଭିଯୋଗ ହେଉଛି ।

# ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ

ସମ୍ବଲପୁର : ସମ୍ବଲପୁର ସ୍ଥିତ ଏମସିଏଲ ପକ୍ଷରୁ ମାନବ ସମ୍ବଳ ନିର୍ଦ୍ଦେଶକ କେଶବ ରାଓଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ନରାକାସ ତତ୍ତ୍ୱାବଧାନରେ କମ୍ପାନୀ ମୁଖ୍ୟାଳୟ ପରିସରରେ ଏକ ଦିବସୀୟ 'ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ' ସଂଗୋଷ୍ଠୀ ଆୟୋଜିତ ହୋଇଯାଇଛି । ଏମସିଏଲର ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ(ଅର୍ଥ) ଏ.କେ. ବେହୁରା, ପୂର୍ବ କ୍ଷେତ୍ର, କୋଲକାତାର ଉପ-ନିର୍ଦ୍ଦେଶକ(କାର୍ଯ୍ୟାନ୍ୱୟନ) ଡ଼. ବିଚିତ୍ରସେନ ଗୁପ୍ତ, ଭାରତ ସରକାରଙ୍କ କୋଇଲା ମନ୍ତ୍ରାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ବିଶାଲ, ପୂର୍ବତନ ଉପ-ନିର୍ଦ୍ଦେଶକ ଅଜୟ ମଲ୍ଲିକ ଏବଂ ଏଚପିସିଏଲର ପୂର୍ବତନ ଉପ-ମହାପ୍ରବନ୍ଧକ ଡ. ରାମ ବିଚାର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ବିଷୟ ଭିତିକ ଅଧିବେଶନରେ, ଡକ୍ଟର ବିଚିତ୍ର ସେନ ଗୁପ୍ତ 'ରାଜଭାଷା କାର୍ଯ୍ୟାନ୍ୱୟନରେ ନରାକାସର ଭୂମିକା ଓ ଅବଦାନ' ବିଷୟରେ; ଶ୍ରୀ ମଲ୍ଲିକ 'ଡିଜିଟାଲ୍ ଯୁଗରେ ହିନ୍ଦୀ: ଇ-ଗଭର୍ଣ୍ଣାନ୍ସ ଏବଂ ପ୍ରଶାସନିକ କୌଶଳରେ ବଦଳୁଥିବା ଭୂମିକା' ବିଷୟରେ ଏବଂ ଡ. ଯାଦବ 'ରାଜଭାଷା ନୀତିର ପ୍ରଭାବୀ କାର୍ଯ୍ୟାନ୍ୱୟନରେ କାର୍ଯ୍ୟାଳୟ ମୁଖ୍ୟ ଏବଂ ରାଜଭାଷା ଅଧିକାରୀଙ୍କ ଭୂମିକା' ତଥା ଶ୍ରୀ ବିଶାଲ 'ରାଜଭାଷା ହିନ୍ଦୀ ନୀତିରୁ ବ୍ୟବହାର ପର୍ଯ୍ୟନ୍ତ' ବିଷୟ ଉପରେ ଆଲୋଚନା କରିଥିଲେ । ସଭାରେ ସମ୍ବଲପୁର ନରାକାସ ଦ୍ୱାରା ପ୍ରକାଶିତ "ନରାକାସ ସନ୍ଦର୍ଭିକା" ଉନ୍ମୋଚନ ପରେ ସ୍କୁଲ ଛାତ୍ର ଛାତ୍ରୀଙ୍କମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥି ଓ ଉପସ୍ଥିତ ସମସ୍ତ ବ୍ୟକ୍ତି ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଲିମିଟେଡର ଆନୁସଙ୍ଗିକ କମ୍ପାନୀ ଗୁଡ଼ିକର ପ୍ରତିନିଧିମାନଙ୍କ ସମେତ ପୂର୍ବ କ୍ଷେତ୍ରର ବିଭିନ୍ନ କାର୍ଯ୍ୟାଳୟ, ନରାକାସ ସମ୍ବଲପୁରର ସଦସ୍ୟ କାର୍ଯ୍ୟାଳୟ ଏବଂ ଏମସିଏଲ ମୁଖ୍ୟାଳୟ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧି, ରାଜଭାଷା ବିଭାଗର ଜିଏମ ସମ୍ବିତ ପଟ୍ଟନାୟକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଆଦିବାସୀ ବିକାଶ ପରିଷଦର ସଭାଗୃହ ଉଦ୍‌ଘାଟନ

ଜୟପୁର : ଜୟପୁର ବ୍ଲକ ଅନ୍ତର୍ଗତ ସାନକାଉଡି ଗ୍ରାମରେ ପେଣ୍ଠିଆ- ହଲବା ଆଦିବାସୀ ବିକାଶ ପରିଷଦର ସଭାଗୃହ ଉଦ୍‌ଘାଟିତ ହୋଇଛି । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ପେଣ୍ଠିଆ- ହଲବା ବିକାଶ ପରିଷଦର ସଭାଗୃହ ଉଦଘାଟନ କରିଥିଲେ । ଏହି ଅବସରରେ ସମାଜର ନୂଆ ବେରନ ଘର ବାସା ଓ ଚଇତ ପରବ ଭେଟଘାଟ କାର୍ଯ୍ୟକ୍ରମରେ ବିଧାୟକ ବାହିନିପତି ଯୋଗଦେଇ ଆଦିବାସୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଠାରେ ସମ୍ମାନିତ ଅତିଥି ଭାବେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ତିଳୋତମା ମୁଦୁଲି, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, କଂଗ୍ରେସର ବ୍ଲକ ସଭାପତି ବସନ୍ତ ନାୟକ, ହଲବା ସମାଜର ସଭାପତି ପୀତବାସ ହାଲବା, ସମ୍ପାଦକ ଆନନ୍ଦ ହଲବାଙ୍କ ସହ ୧୨ ଗୋଟି ଆଦିବାସୀ ସମାଜର ସଭାପତି ଉପସ୍ଥିତ ଥିଲେ । ଏଠାରେ ନାତ ଗୀତ ବାଜାରେ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା ।





# ଭାରତ-ନ୍ୟୁଜିଲ୍ୟାଣ୍ଡ ସମ୍ପର୍କରେ ନୂତନ ଆର୍ଥିକ ଦିଗ: ଜନସାଧାରଣଙ୍କ ପାଇଁ ସମୃଦ୍ଧିର ସୁଯୋଗ



ରାଜେଶ ଅଗ୍ରୱାଲ

ଆଧୁନିକ ଅର୍ଥନୈତିକ ଇତିହାସରେ ଅଧିକାଂଶ ସମୟରେ ବାଣିଜ୍ୟର ଯୁକ୍ତି ଖୁବ୍ ସରଳ ଥିଲା ଏବଂ ସେଥିରୁ ତୁଳନାତ୍ମକ ଭାବରେ ଅଧିକ ଲାଭ ମିଳୁଥିଲା । ବ୍ୟବସ୍ଥା ସଫଳ ଭାବରେ କାର୍ଯ୍ୟକ୍ଷମ ହେଲା—ଯେଉଁ ପର୍ଯ୍ୟନ୍ତ ତାହା ହୋଇ ନଥିଲା, ସେଥିରୁ ଇପସିତ ସୁଫଳ ମିଳିପାରୁ ନଥିଲା । ନିକଟ ଅତୀତର ବର୍ଷଗୁଡ଼ିକରେ ଭୌଗୋଳିକ ରାଜନୈତିକ ଉତେଜନା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳର ପୁନଃବିନ୍ୟାସ ଦ୍ୱାରା ଚିହ୍ନିତ ଏକ ଶୃଙ୍ଖଳାଗତ ବାଧା ସହିତ, ବାଣିଜ୍ୟ ଚୁକ୍ତିର ଜ୍ୟାମିତି ପୁନଃକଳ୍ପନା କରାଯାଉଛି । ସମାନ ଭାବନାଯୁକ୍ତ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ, ଏଭଳି ପ୍ରଶ୍ନ ଆଉ ସହାୟକ ହେବ କି ନାହିଁ ତାହା ନୁହେଁ, ବରଂ କେତେ ଗଭୀର ଏବଂ କେତେ ଦ୍ରୁତ ହୋଇପାରିବ ତାହା ଚିନ୍ତା କରାଯାଉଛି । ବିଶ୍ୱର ତୃତୀୟ ବୃହତମ ଅର୍ଥନୀତି ହେବାର ଏହାର ମହତ୍ୱାକାଂକ୍ଷା ଆଡ଼କୁ ଅଗ୍ରସର ହେଉଥିବା ଭାରତ, ପୂର୍ବ ଦିଗରେ କ୍ରମାଗତ ଭାବରେ ନିଜର ଦୃଷ୍ଟି ପକାଇଛି - ଏଥର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଆଡ଼କୁ ଏହି ଦୃଷ୍ଟି ଅଧିକ ନିବଦ୍ଧ ହୋଇଛି - ଯେଉଁ ଲୋକମାନଙ୍କ ପାଇଁ ଆର୍ଥିକ ଏକୀକରଣ ଏବଂ ସମୃଦ୍ଧି ନିମନ୍ତେ ଏହାର ଦୃଷ୍ଟିକୋଣକୁ ଅଂଶୀଦାର ଭାବରେ ଗ୍ରହଣ କରନ୍ତି । ନ୍ୟୁଜିଲାଣ୍ଡରେ ଏହା ଠିକ୍ ଭାବରେ ତାହା ହିଁ ଲାଭ କରିଛି । ଏହି ସମ୍ପର୍କ ଦୀର୍ଘ ଦିନ ଧରି ନିର୍ମିତ ହୋଇ ଚାଲିଥିଲା ଏବଂ ପ୍ରଥମ ନଜରରେ ଏହା ବାଣିଜ୍ୟ ବାହାରେ ବିସ୍ତାରିତ ହୋଇଥିଲା । ନ୍ୟୁଜିଲାଣ୍ଡରେ ପ୍ରାୟ ୩୦୦,୦୦୦ ଭାରତୀୟ ବଂଶୋଦ୍ଭବ ଲୋକ ବାସ କରୁଛନ୍ତି, ଯାହା ଏହାର ମୋଟ ଜନସଂଖ୍ୟାର ପ୍ରାୟ ୫ ପ୍ରତିଶତ – ସେମାନେ ଏହାର ଏକ ସେତୁ ଗଠନ କରନ୍ତି ଯାହା ଆର୍ଥିକ ପରି ସାଂସ୍କୃତିକ ସମ୍ପର୍କକୁ ମଧ୍ୟ ମଜଭୁତ କରେ । ତେଣୁ ଏହା ଆଦୌ ଆଶ୍ଚର୍ଯ୍ୟଜନକ ନୁହେଁ ଯେ ଦ୍ୱିପାକ୍ଷିକ ବାଣିଜ୍ୟ ବାଣିଜ୍ୟ, ଯାହା ଆର୍ଥିକ ବର୍ଷ ୨୦୨୪-୨୫ରେ ୧.୩ ବିଲିୟନ ଆମେରିକୀୟ ଡଲାର ଛୁଇଁଥିଲା, ପୂର୍ବ ବର୍ଷ ତୁଳନାରେ ତାହା ୪୯ ପ୍ରତିଶତ ବୃଦ୍ଧି ପାଇଛି – ଏହା ଏପରି ଏକ ସଂଖ୍ୟା ଯାହା ଆଗାମୀ ଦିନରେ ଅଧିକ ତ୍ୱରାନ୍ୱିତ ହେବାର ସଙ୍କେତ ଦିଏ । ଏହି ଅବଧି ମଧ୍ୟରେ ସେବା ବାଣିଜ୍ୟ ମଧ୍ୟ ୧୩ ପ୍ରତିଶତ ଉପରକୁ ଉଠିଛି । ଦୁଇଟି କ୍ରିକେଟ ପ୍ରିୟ ରାଷ୍ଟ୍ରର ଏକତ୍ର ହେବା କେବଳ ଉତ୍ସାହଜନକ ନୁହେଁ ବରଂ ଏହା ପୂର୍ବରୁ ଗତିଶୀଳ ଏକ ସହଭାଗୀତାର ସୂଚକ ମଧ୍ୟ । ପ୍ରତିଦ୍ୱନ୍ଦ୍ୱୀ ଉତ୍ପାଦନ କେନ୍ଦ୍ର ମଧ୍ୟରେ ବାଣିଜ୍ୟ ଚୁକ୍ତି ପରିବର୍ତ୍ତେ, ସହଭାଗୀର ଶକ୍ତି ଏହାର ଅନ୍ତର୍ନିହିତ ପରିପୂରକ ଭାବରେ ରହିଛି । ଭାରତ ମାତ୍ର ପ୍ରଦାନ କରେ: ୧୪୦ କୋଟି ଜନସଂଖ୍ୟା, ଏକ ବର୍ଦ୍ଧିତ ମଧ୍ୟବିତ ଶ୍ରେଣୀ ଏବଂ ଏକ ଡିଜିଟାଲ୍ ଏବଂ ସେବା ଭିତିଭୂମି ଯାହା ବିଶ୍ୱସ୍ତରୀୟ ଆକାର ଧାରଣ କରିଛି । ନ୍ୟୁଜିଲାଣ୍ଡ ବିଶେଷଜ୍ଞ ଜ୍ଞାନ ପ୍ରଦାନ କରେ: ଉଚ୍ଚ-ପ୍ରଯୁକ୍ତିବିଦ୍ୟା କୃଷି, ସ୍ଥାୟୀ ବନୀକରଣ ଏବଂ ଅତ୍ୟାଧୁନିକ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା । ଏକତ୍ର, ଏହି ପରିପୂରକତା ସହଭାଗୀତାକୁ ଗତି ପ୍ରଦାନ କରିଥାଏ । ଉନ୍ନତ ବଜାର ପ୍ରବେଶ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ.ଟି.ଏ.) ସ୍ୱଷ୍ଟତା ଏବଂ ଆକର୍ଷଣୀୟ ବୈଶିଷ୍ଟ୍ୟ ସହିତ ଏକ ସନ୍ତୁଳନକୁ ଆନୁଷ୍ଠାନିକ ରୂପ ପ୍ରଦାନ କରିଥାଏ । ଭାରତ ଦୁଗ୍ଧ, ଅଧିକାଂଶ ପ୍ରାଣୀ ଉତ୍ପାଦ, ପନିପରିବା, ଚିନି, କୃତ୍ରିମ ମହୁ, ଚର୍ବି ଏବଂ ତେଲ, ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ, ତମ୍ବା ଏବଂ ଆଲୁମିନିୟମ ସାମଗ୍ରୀ ଭଳି ସମ୍ବେଦନଶୀଳ ଉତ୍ପାଦଗୁଡ଼ିକୁ ଏହି ରାଜିନାମାରୁ ବାଦ ଦେଇଛି । ୧୦୦ ପ୍ରତିଶତ ଭାରତୀୟ ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ - ଏକ ସ୍ଥାୟୀ ପ୍ରତିବନ୍ଧକକୁ ଦୂର କରେ । ପ୍ରମୁଖ ଶୁଳ୍କ ରେଖାରେ ୧୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଛାଡ଼ କରେ । ଏହି ସଫଳତା ଉଚ୍ଚ-ବିକାଶ ଅଟୋମୋଟିଭ୍ ଏବଂ ଇଞ୍ଜିନିୟରିଂ ଶିଳ୍ପ ସହିତ ବୟନଶିଳ୍ପ, ପୋଷାକ, ଚମଡା, ମୃତିକା ଶିଳ୍ପ ଏବଂ କାର୍ପେଟ ଭଳି ଶ୍ରମ-ଘନଶୀଳ କ୍ଷେତ୍ରଗୁଡ଼ିକୁ ତୁରନ୍ତ ପ୍ରତିଯୋଗିତାମୂଳକ ପ୍ରେରଣା ପ୍ରଦାନ କରେ । ଭାରତର ବୟନଶିଳ୍ପ ଏବଂ ପୋଷାକ ରପ୍ତାନି, ପୂର୍ବରୁ ବିଶ୍ୱ ସ୍ତରରେ ବୃଦ୍ଧି ପାଉଛି ଏବେ ଏହା ନ୍ୟୁଜିଲାଣ୍ଡ ବଜାରରେ ପ୍ରବେଶ କରୁଛି ଯାହା ଶୂନ୍ୟ-ଶୁଳ୍କ ପ୍ରବେଶ ସହିତ ବାର୍ଷିକ ପ୍ରାୟ ୧.୯ ବିଲିୟନ ଡଲାର ମୂଲ୍ୟର ଏପରି ସାମଗ୍ରୀ ଆମଦାନି କରୁଛି । ଇଞ୍ଜିନିୟରିଂ ରପ୍ତାନି, ଯାହା ବିଶ୍ୱ ସ୍ତରରେ ୧୧୦ ବିଲିୟନ ଡଲାର ବଜାର ମୂଲ୍ୟ ଅତିକ୍ରମ କରିଛି, ତାହା ନ୍ୟୁଜିଲାଣ୍ଡ ବଜାରରେ ସମାନ ଆକର୍ଷଣ ହାସଲ କରୁଛି ଯାହା ୧୧ ବିଲିୟନ ଡଲାର ଇଞ୍ଜିନିୟରିଂ ଉତ୍ପାଦ ଆମଦାନି କରୁଛି । ଚମଡା, ଔଷଧ, ସାମୁଦ୍ରିକ ଉତ୍ପାଦ ଏବଂ ପ୍ଲାଷ୍ଟିକ୍ - ପ୍ରତ୍ୟେକ କ୍ଷେତ୍ର ପୂର୍ବରୁ ଶୁଳ୍କ ଦ୍ୱାରା ସୀମିତ ଥିଲା - ବର୍ତମାନ ବୃଦ୍ଧି ଏବଂ ସମୃଦ୍ଧି ପାଇଁ ଏହି ରାଜିନାମାରେ ସ୍ଥାନ ପାଇଛି । ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବିବିଧତା ଏବଂ ସ୍କେଲ୍: ଏହି ଚୁକ୍ତି ଉଭୟ ଦେଶର ବାଣିଜ୍ୟ ବିବିଧତାକୁ ସେମାନଙ୍କର ପାରମ୍ପରିକ ବଜାରରୁ ଦୂରେଇ ରଖିବାରେ ସାହାଯ୍ୟ କରେ । ଗୋଟିଏ ପଟେ, ଏହା ଭାରତକୁ ନ୍ୟୁଜିଲାଣ୍ଡରେ ଶୁଳ୍କମୁକ୍ତ ବଜାର ପ୍ରବେଶ ପ୍ରଦାନ କରେ, ଯାହା ଏକ ସମ୍ବଳ ଘନିଷ୍ଠ ବିକଶିତ ଅର୍ଥନୀତି, ଯେତେବେଳେ ନ୍ୟୁଜିଲାଣ୍ଡ କମ୍ପାନୀଗୁଡ଼ିକ ପାଇଁ ଏହା କେବଳ ବିଶ୍ୱର ସର୍ବାଧିକ ଜନବହୁଳ ଭାରତୀୟ ବଜାର ନିମନ୍ତେ ଦ୍ୱାର ଉନ୍ମୁକ୍ତ କରେ, ଯାହା ୧.୪୬ ବିଲିୟନ ଲୋକରେ ସମୃଦ୍ଧ, ବରଂ ବିଶ୍ୱରେ ଦ୍ରୁତତମ ଭାବରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥନୀତି ପାଇଁ ମଧ୍ୟ ଦ୍ୱାର ଖୋଲିଥାଏ । ଏହା ବ୍ୟତୀତ, ଏହା ନ୍ୟୁଜିଲାଣ୍ଡକୁ ଚୀନ୍ ଉପରେ ଏହାର ରପ୍ତାନି ନିର୍ଭରତା ହ୍ରାସ କରିବାରେ ସାହାଯ୍ୟ କରେ ଯାହା ଏହାର ବାଣିଜ୍ୟ ରପ୍ତାନିର ୨୮%ରୁ ଅଧିକ ଅଟେ ଏବଂ ଏହାର ଆମଦାନୀ ଯୋଗାଣ ଶୃଙ୍ଖଳରେ ସ୍ଥିରତାକୁ ଉନ୍ନତ କରିଥାଏ । ଭାରତ ବର୍ତମାନ କେବଳ ଏକ ବିକଶିତ ଅର୍ଥନୀତି ଭାବରେ ନୁହେଁ, ବରଂ ଦକ୍ଷିଣ ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ଏକ ବ୍ୟାପକ ଆଂଚଳିକ ଇକୋସିଷ୍ଟମର ମାନ୍ୟତା ଲାଭ କରିଛି । ଏହା ଭାରତୀୟ ରପ୍ତାନିକାରୀଙ୍କ ପାଇଁ ପୂର୍ବାନୁମାନ ଏବଂ ମାତ୍ରା ସହିତ କାର୍ଯ୍ୟ କରିବା ସହଜ କରିଥାଏ । ଏହା ବଜାର ପ୍ରବେଶରେ ପ୍ରତିବନ୍ଧକକୁ ହ୍ରାସ କରେ ଏବଂ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବିସ୍ତାର କରିବାକୁ ଚାହୁଁଥିବା ବ୍ୟବସାୟଗୁଡ଼ିକ ପାଇଁ ଏକ ଅଧିକ ସୁଗମ ପଥ ସୃଷ୍ଟି । ଭାରତରେ ବାଣିଜ୍ୟ-ନେତୃତ୍ୱାଧୀନ ଅଭିବୃଦ୍ଧିର ଏକ ନିର୍ଭରଯୋଗ୍ୟ ବିକଳ୍ପ ପ୍ରଦାନ କରେ । ରାଷ୍ଟ୍ର ସ୍ତରରେ, ଭାରତ- ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ଭାରତର ରପ୍ତାନି ଆଧାରର ଭୌଗୋଳିକ ଭାବରେ ବିସ୍ତାରିତ ଏବଂ କ୍ଷେତ୍ରଗତ ଭାବରେ ବିଶେଷ ପ୍ରକୃତିକୁ ପ୍ରତିଫଳିତ କରି ବ୍ୟାପକତା-ଆଧାରିତ ଏବଂ ଗଠନମୂଳକ ଭାବରେ ସଂଯୋଗୀ ଲାଭ ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଗୁଜୁରାଟର ରାସାୟନିକ ପଦାର୍ଥ ଏବଂ ରତ୍ନ, ମହାରାଷ୍ଟ୍ରର ଔଷଧ ଏବଂ ଅଟୋମୋଟିଭ୍ ଉପାଦାନ, ତାମିଲନାଡୁର ବୟନଶିଳ୍ପ, ଉତର ପ୍ରଦେଶର ଚମଡା ଏବଂ ହସ୍ତଶିଳ୍ପ, ପଞ୍ଜାବର କୃଷିଭିତିକ ଉତ୍ପାଦ, କର୍ଣ୍ଣାଟକର ଔଷଧ ଏବଂ ଇଲେକ୍ଟ୍ରୋନିକ୍ସ, ଏବଂ ପଶ୍ଚିମବଙ୍ଗର ଚା ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଉନ୍ନତ ମୂଲ୍ୟ ପ୍ରତିଯୋଗିତାରୁ ଲାଭ ପାଇବା ସ୍ଥିତିରେ ରହିଛି । ଆନ୍ଧ୍ରପ୍ରଦେଶ ଏବଂ କେରଳ ଭଳି ଉପକୂଳବର୍ତୀ ଅର୍ଥନୀତିଗୁଡ଼ିକ ସାମୁଦ୍ରିକ ରପ୍ତାନିରେ ବର୍ଦ୍ଧିତ ମୂଲ୍ୟ ହାସଲ ପାଇବେ, ଯେତେବେଳେ ଉତର-ପୂର୍ବାଂଚଳ କ୍ଷେତ୍ରର ଚା', ମସଲା, ବାଉଁଶ ଏବଂ ଜୈବିକ ଉତ୍ପାଦ ପାଇଁ ଉନ୍ନତ ପ୍ରବେଶ ହାସଲ କରିପାରିବେ । ଏହା ଫଳରେ ଆଗାମୀ ଦିନରେ ରପ୍ତାନି ଆହୁରି ବିବିଧ ହୋଇପାରିବ । ସୌଭାଗ୍ୟ ବଶତଃ, ବାଣିଜ୍ୟ କାରବାର ଉଭୟ ଦିଗରେ ପ୍ରବାହିତ ହୁଏ । ଭାରତ ଏହାର ଶୁଳ୍କ ରେଖାର ୭୦.୦୩% ପାଇଁ ଶୁଳ୍କ ଉଦାରୀକରଣ ପ୍ରଦାନ କରିଛି, ଯେତେବେଳେ ୨୯.୯୭% ଶୁଳ୍କ ରେଖାକୁ ବାଦ ଦେଇ ନ୍ୟୁଜିଲାଣ୍ଡ ସହିତ ସାମ୍ପ୍ରତିକ ଦ୍ୱିପାକ୍ଷିକ ବାଣିଜ୍ୟ ମୂଲ୍ୟର ୯୫% କଭର କରିଛି । ତୁରନ୍ତ ଶୁଳ୍କ ଉଚ୍ଛେଦ ଶିଳ୍ପ ପାଇଁ ଆମର ପ୍ରମୁଖ ଇନପୁଟ୍ ଉପରେ ଆସିଥାଏ । କାଠ ଏବଂ କାଠ ପଲ୍ପ ଭଳି ଆମଦାନୀ କାଗଜ, ପ୍ୟାକେଜିଂ, ଫର୍ଣ୍ଣିଚର ଏବଂ ନିର୍ମାଣ କ୍ଷେତ୍ରକୁ ସମର୍ଥନ କରିବ । ଏହି ଚୁକ୍ତିନାମା ପଶମ, ଅପଚୟ ଏବଂ ଲୌହ ଏବଂ ଅଣ-ଲୌହ ସାମଗ୍ରୀର ସ୍କ୍ରାପ୍ ପାଇଁ ମଧ୍ୟ ପ୍ରବେଶକୁ ଉନ୍ନତ କରେ, ଯାହା ଘରୋଇ ଶିଳ୍ପଗୁଡ଼ିକୁ ପ୍ରତିଯୋଗିତା ମୂଳକ କରିବାରେ ସମର୍ଥନ କରିବ । ଏମାନେ ଉତ୍ପାଦନର ସକ୍ଷମକାରୀ । ସେମାନଙ୍କର ମୂଲ୍ୟ ହ୍ରାସ କରି, ଚୁକ୍ତିନାମା କିଛି ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ: ଏହା ଭାରତୀୟ ଉତ୍ପାଦନ ପ୍ରତିଯୋଗିତାର ମୂଳସୀମାକୁ ପରିବର୍ତନ କରେ । ନ୍ୟୁଜିଲାଣ୍ଡ ପାଇଁ, ଏହି ହିସାବ ଭିନ୍ନ । ଭାରତ ମାତ୍ର ପ୍ରତିନିଧିତ୍ୱ କରେ - ଏକ ବିବିଧତାପୂର୍ଣ୍ଣ ରଣନୀତିରେ ଏହା ଏକ ଅପରିହାର୍ଯ୍ୟ ନୋଡ- ଏହା ଏପରି ଏକ ସୁଯୋଗର ପରିମାଣ ପ୍ରଦାନ କରେ ଯାହା ଯେକୌଣସି ଭୌଗୋଳିକ କ୍ଷେତ୍ରକୁ ପରସ୍ପର ସହିତ ମେଳ କରିପାରେ । ୪୨୨ ବିଲିୟନ ଡଲାରରୁ ଅଧିକ ବିଦେଶୀ ନିବେଶ ସହିତ, ନ୍ୟୁଜିଲାଣ୍ଡର ବିଶ୍ୱ ଉପସ୍ଥିତି ପୂର୍ବରୁ ଯଥେଷ୍ଟ ଅଧିକ ରହିଛି । ଭାରତ କେବଳ ଏକ ବଜାର ନୁହେଁ, ବରଂ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ମାନବ ପୁଞ୍ଜିରେ ବିସ୍ତାରିତ ଏକ ସହଭାଗୀତା ପ୍ରଦାନ କରେ । ୨୦ ବିଲିୟନ ଆମେରିକୀୟ ଡଲାରର ନିବେଶ ପ୍ରତିଶ୍ରୁତି ସହିତ, ଏହି ସମ୍ପର୍କରେ ଏକ ଦୀର୍ଘକାଳୀନ ରଣନୈତିକ ବୈଶିଷ୍ଟ୍ୟ ଅଛି - ଯାହା ନିଯୁକ୍ତି ସୃଷ୍ଟି କରିବା, କ୍ଷମତାକୁ ଗଭୀର କରିବା ଏବଂ କାରବାର ସମ୍ପର୍କରୁ ଏକ ସ୍ଥାୟୀ, ସ୍ଥାପିତ ଏବଂ ସ୍ଥାୟୀ ସହଭାଗୀତାରେ ବିକଶିତ ହେବା ପାଇଁ ସ୍ୱତନ୍ତ୍ର ଭାବରେ ଅବସ୍ଥିତ । ବାଣିଜ୍ୟ ବାଣିଜ୍ୟ ବାହାରେ ଏକ ମୁକ୍ତ ବାଣିଜ୍ୟ ରାଜିନାମା ସମ୍ଭବତଃ ଏହି ସହଭାଗୀତାର ସବୁଠାରୁ ପରିଭାଷିତ ଦିଗ ହେଉଛି ଏହାର ମୌଳିକ ତତ୍ୱଗୁଡ଼ିକୁ ଫେରିବା: କୃଷି । କୃଷି ପ୍ରଯୁକ୍ତିବିଦ୍ୟା ଏକ କେନ୍ଦ୍ରୀୟ ସ୍ତମ୍ଭ ଭାବରେ ଉଭା ହୁଏ । ଚୁକ୍ତିନାମା ଏକ କୃଷି ଉତ୍ପାଦକତା ସହଭାଗୀତାକୁ ରୂପରେଖା ପ୍ରଦାନ କରେ ଯାହା ଜ୍ଞାନ ବାଣିଜ୍ୟ କରିବାକୁ ଗତି କରେ । କୋଲ୍ଡ-ଚେନ୍ ଲଜିଷ୍ଟିକ୍ସ, ପ୍ରିସିସନ୍ ଫାର୍ମିଂ ଏବଂ ଅମଳ ପରବର୍ତୀ ପରିଚାଳନାରେ ନ୍ୟୁଜିଲାଣ୍ଡର ବିଶେଷଜ୍ଞତା ଉତ୍ପାଦନ ବୃଦ୍ଧି ଏବଂ ଅପଚୟ ହ୍ରାସ କରିବା ପାଇଁ ଭାରତର ଆବଶ୍ୟକତା ସହିତ ଘନିଷ୍ଠ ଭାବରେ ସମନ୍ୱିତ । କିୱି ଫଳ, ଏପଲ୍ ଏବଂ ମହୁ ପାଇଁ କାର୍ଯ୍ୟ ଯୋଜନା, ଉତ୍କର୍ଷ କେନ୍ଦ୍ର ଏବଂ ଚାଷୀମାନଙ୍କ ପାଇଁ ବୈଷୟିକ ସହାୟତା ସହିତ, କ୍ୟାଲିବ୍ରେଟେଡ୍ ବଜାର ପ୍ରବେଶ ସହିତ ଯୋଡା ଯାଇଛି । ସେପଲ୍, କିୱି ଫଳ ଏବଂ ମାନୁକା ମହୁ ଭଳି ଉତ୍ପାଦଗୁଡ଼ିକର ଆମଦାନୀ ଟାରିଫ୍ ହାର କୋଟା, ସର୍ବନିମ୍ନ ଆମଦାନୀ ମୂଲ୍ୟ ଏବଂ ଋତୁକାଳୀନ ୱିଣ୍ଡୋ ମାଧ୍ୟମରେ ନିୟନ୍ତ୍ରିତ ହୁଏ, ଯାହା ଗ୍ରାହକଙ୍କ ପସନ୍ଦକୁ ଘରୋଇ ସୁରକ୍ଷା ସହିତ ସନ୍ତୁଳିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଏହାର ସ୍ଥାପତ୍ୟ ବେଶ୍ ସୁଚିନ୍ତିତ, ଠିକ୍ ଶଲ୍ୟଚିକିତ୍ସା ସଦୃଶ । ସେବା ସହିତ ଚୁକ୍ତିନାମା ନୂତନ କ୍ଷେତ୍ରରେ ପ୍ରବେଶ କରେ: ପ୍ରତିଭାର ପ୍ରତିଷ୍ଠାନ । ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷ ଭାରତୀୟ ବୃତିଗତଙ୍କ ପାଇଁ ୫,୦୦୦ ଭିସାର ଏକ ଉତ୍ସର୍ଗୀକୃତ କୋଟା ଅସ୍ଥାୟୀ ଗତିବିଧି ପାଇଁ ଏକ ସଂରଚିତ ପଥ ସୃଷ୍ଟି କରେ । ତିନି ବର୍ଷ ପର୍ଯ୍ୟନ୍ତ ବୈଧ, ଏହି ଭିସାଗୁଡ଼ିକ ନ୍ୟୁଜିଲାଣ୍ଡର ପୂର୍ବାନୁମାନିତ ଶ୍ରମ ଅଭାବକୁ ସମାଧାନ କରିବା ପାଇଁ ଡିଜାଇନ୍ କରାଯାଇଛି - ୨୦୪୫ ସୁଦ୍ଧା ଏହା ୨୫୦,୦୦୦ କର୍ମଚାରୀ ପର୍ଯ୍ୟନ୍ତ ହେବ ବୋଲି ଆକଳନ କରାଯାଇଛି - ଭାରତର ବିଶାଳ ବୃତିଗତ ଆଧାରକୁ ବ୍ୟବହାର କରିବା ପାଇଁ ଏହା ସକ୍ଷମ । ଆୟୁଷ, ଯୋଗ ପ୍ରଶିକ୍ଷକ, ଭାରତୀୟ ରୋଷେୟା ଏବଂ ସଂଗୀତ ଶିକ୍ଷକଙ୍କ ଅଭ୍ୟାସକାରୀମାନଙ୍କୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇଛି, ପାରମ୍ପରିକ କ୍ଷେତ୍ର ବାହାରେ ଦକ୍ଷ ଗତିଶୀଳତାର ପରିଭାଷାକୁ ବିସ୍ତାର କରୁଛି । ଛାତ୍ର ଗତିବିଧି ଏବଂ ଅଧ୍ୟୟନ-ପରବର୍ତୀ କାର୍ଯ୍ୟ ଭିସାର ବ୍ୟବସ୍ଥା ଅଧ୍ୟୟନ ସମୟରେ ପ୍ରତି ସପ୍ତାହରେ ୨୦ ଘଂଟା ପର୍ଯ୍ୟନ୍ତ କାମ କରିବାର ଅଧିକାର ଗ୍ୟାରେ[ ଦିଏ ଏବଂ ଅଧ୍ୟୟନ-ପରବର୍ତୀ ବାସସ୍ଥାନ ପାଇଁ ପଥ ସ୍ଥାପନ କରେ - ଷ୍ଟେମ୍ ସ୍ନାତକଙ୍କ ପାଇଁ ତିନି ବର୍ଷ ଏବଂ ଡକ୍ଟରେଟ୍ ବିଦ୍ୱାନଙ୍କ ପାଇଁ ଚାରି ବର୍ଷ ପର୍ଯ୍ୟନ୍ତ ଏହା ବିସ୍ତାରିତ । ଏକ ଚୁକ୍ତିନାମା ଢାଂ ମଧ୍ୟରେ ଏହି ବ୍ୟବସ୍ଥାଗୁଡ଼ିକୁ ସଂଯୁକ୍ତ କରି ସେମାନଙ୍କୁ ଘରୋଇ ନୀତି ପରିବର୍ତନର ଅସ୍ଥିରତାରୁ ନିବୃତ କରାଯାଏ । ପ୍ରଥମେ ପୂର୍ବାନୁମାନ ଏହି ଚୁକ୍ତିନାମା ଏପରି ଏକ ବିଶ୍ୱରେ ପୂର୍ବାନୁମାନଙ୍କୁ ସଂହିତାବଦ୍ଧ କରିବାର ଏକ ପ୍ରୟାସ ଯାହା ଅନ୍ୟତ୍ର ଉପଲବ୍ଧ ହୋଇଥାଏ । ଏହି ଚୁକ୍ତିନାମାର ପରିସର ଆହୁରି ବିସ୍ତାରିତ: ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)ରେ ସହଯୋଗ, ଭୌଗୋଳିକ ସୂଚକ ପାଇଁ ୟୁରୋପୀୟ ମାନଦଣ୍ଡ ସହିତ ସମନ୍ୱିତ ବୌଦ୍ଧିକ ସମ୍ପତି ଅଧିକାର, ତ୍ୱରିତ ଔଷଧ ଅନୁମୋଦନ ଏବଂ ଡିଜିଟାଲ କଷ୍ଟମ ପ୍ରକ୍ରିୟା, ନଷ୍ଟଶୀଳ ସାମଗ୍ରୀ ପାଇଁ କ୍ଲିୟରାନ୍ସ ସମୟକୁ ୨୪ ଘ[। ପର୍ଯ୍ୟନ୍ତ ହ୍ରାସ କରିବା । ଏକ ଆନୁଷ୍ଠାନିକ ଚୁକ୍ତିନାମା ମଧ୍ୟରେ ଏହି ବ୍ୟବସ୍ଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରି, ଏହି ମୁକ୍ତ ବାଣିଜ୍ୟ ରାଜିନାମା ଦୁଇ ଦେଶ ମଧ୍ୟରେ ବ୍ୟାପକ ସହଯୋଗ ଏବଂ ମାନବ ପୁଞ୍ଜିର ବିକାଶ ପାଇଁ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରେ । ଦୁଇ ଦେଶ ୨୦୨୬ ମସିହା ଏପ୍ରିଲ ୨୭ ତାରିଖରେ ଏକ ସହଭାଗୀତାକୁ ସଂହିତାବଦ୍ଧ କରିଛନ୍ତି ଯାହା ଆଗାମୀ ଦଶନ୍ଧି ପାଇଁ ସେମାନଙ୍କର କ୍ଷେତ୍ରୀୟ ସମ୍ପର୍କକୁ ଆକାର ପ୍ରଦାନ କରିଛି । ବାଣିଜ୍ୟ ଚୁକ୍ତିନାମାର ପରିଭାଷାରେ, ଏହା ଏକ ଅଭୂତପୂର୍ବ ସଫଳତା । ଭୂ-ରାଜନୀତିକ ପରିଭାଷାରେ, ଏହା ଏକ ଅପୂର୍ବ ସମନ୍ୱୟ ବୋଲି ବିବେଚନା କରାଯାଇପାରେ ।

***(ଲେଖକ କେନ୍ଦ୍ର ସରକାରରେ ବାଣିଜ୍ୟ ବିଭାଗ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ସଚିବ ପଦରେ ଅବସ୍ଥାପିତ)***

# ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି: ଅଭିବୃଦ୍ଧି ପାଇଁ ମହିଳା-ନେତୃତ୍ୱାଧୀନ ଐତିହାସିକ ପଦକ୍ଷେପ



ପୀୟୁଷ ଗୋୟଲ

ସୋମବାର ଦିନ ସ୍ୱାକ୍ଷରିତ ହେବାକୁ ଥିବା ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ), ବିକଶିତ ବିଶ୍ୱ ସହିତ ଭାରତର ସମ୍ପର୍କ କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଂଟ ସ୍ଥାପନ କରିଛି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେହି ଦୂରଦର୍ଶୀ ଚିନ୍ତାଧାରାର ଏକ ନିର୍ଣ୍ଣାୟକ ପଦକ୍ଷେପ, ଯେଉଁଥିରେ ବିଶ୍ୱସ୍ତରୀୟ ଅର୍ଥନୈତିକ ସହଭାଗିତାକୁ ଦେଶର କୃଷକ, ମହିଳା, ଯୁବପିଢ଼ି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ଶିଳ୍ପଗୁଡ଼ିକ ପାଇଁ ପ୍ରକୃତ ଲାଭରେ ପରିଣତ କରିବାର ଲକ୍ଷ୍ୟ ରହିଛି । ଏହି ମୁକ୍ତ ବାଣିଜ୍ୟ ଚୁକ୍ତି, ଯୁକ୍ତରାଜ୍ୟ (ୟୁକେ) ଏବଂ ୟୁରୋପୀୟ ସଂଘ (ଇୟୁ) ଭଳି ପ୍ରମୁଖ ବିକଶିତ ଅର୍ଥବ୍ୟବସ୍ଥା ସହିତ ହୋଇଥିବା କ୍ରମାଗତ ଐତିହାସିକ ବାଣିଜ୍ୟିକ ଚୁକ୍ତିଗୁଡ଼ିକର ଏକ ଅଂଶ ବିଶେଷ । ଏହି ସମସ୍ତ ଚୁକ୍ତିନାମା ବିଶ୍ୱ ବଜାରରେ ଭାରତର ସ୍ଥିତିକୁ ଅଧିକ ମଜବୁତ କରୁଛି । ବିଶ୍ୱସ୍ତରରେ ଜାରି ରହିଥିବା ଅନିଶ୍ଚିତତା ଏବଂ ଅସ୍ଥିରତା ସତ୍ତ୍ୱେ, ଏହା ଭାରତୀୟ ରପ୍ତାନିକାରୀମାନଙ୍କୁ ବିଶ୍ୱର ସବୁଠାରୁ ଲାଭଦାୟକ ବଜାରଗୁଡ଼ିକରେ ଏକ ପ୍ରତିଯୋଗିତାମୂଳକ ସୁବିଧା ପ୍ରଦାନ କରୁଛି । ରପ୍ତାନି ଏବଂ ଚାକିରି ପାଇଁ ଏକ ଦୃଢ଼ ପ୍ରେରକ ଏହି ୱିନ୍ -ୱିନ୍ ଚୁକ୍ତିନାମାର ମୂଳରେ ରହିଛି ନ୍ୟୁଜିଲାଣ୍ଡ ସମସ୍ତ ଭାରତୀୟ ପଣ୍ୟ ଦ୍ରବ୍ୟ ଉପରୁ ତୁରନ୍ତ ଶୁଳ୍କ ଉଚ୍ଛେଦ କରିବାକୁ ପ୍ରତିଶ୍ରୁତି ଦେଇଛି । ଏହା ସେହି ବଜାରରେ ଏକ ବଡ଼ ବାଧାକୁ ଦୂର କରିବ, ଯେଉଁଠାରେ ବର୍ତମାନ ଆମର ପ୍ରମୁଖ ରପ୍ତାନି ଦ୍ରବ୍ୟଗୁଡ଼ିକ ଉପରେ ୧୦% ଶୁଳ୍କ ଲାଗୁ ହେଉଛି । ଏହା ଶ୍ରମ-କୈନ୍ଦ୍ରିକ କ୍ଷେତ୍ର ଯେପରିକି ପୋଷାକ, କାର୍ପେଟ, ସୂତା, କପଡ଼ା, ଜୋତା, ବ୍ୟାଗ, ବେଲ୍ଟ, ଅଟୋମୋବାଇଲ ଉତ୍ପାଦନ, ଯନ୍ତ୍ରପାତି, ଉପକରଣ, ରତ୍ନ ଏବଂ ଅଳଙ୍କାର ଏବଂ ହସ୍ତଶିଳ୍ପ ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ । ଏହି ନିଯୁକ୍ତି ସୃଷ୍ଟିକାରୀ ଶିଳ୍ପଗୁଡ଼ିକ ଭାରତର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରନ୍ତି ଏବଂ ଏହା ଫଳରେ ମୂଲ୍ୟ ପ୍ରତିଯୋଗିତା ଏବଂ ବଜାର ପ୍ରବେଶରୁ ଆଶାନୁରୂପ ଲାଭ ମିଳିପାରିବ । ଏହା ରପ୍ତାନୀ ବୃଦ୍ଧି କରିବ ଏବଂ ଉତ୍ପାଦନ କ୍ଲଷ୍ଟର, କାରିଗର ସମ୍ପ୍ରଦାୟ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରେ ବ୍ୟାପକ ପରିମାଣର ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବ । ଏହି ଚୁକ୍ତିନାମା ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ସରକାର ଗଠନ ହେବା ପରଠାରୁ ଭାରତର ବାଣିଜ୍ୟ ନୀତିକୁ ମାର୍ଗଦର୍ଶନ କରୁଥିବା ବ୍ୟାପକ ଚିନ୍ତାଧାରାକୁ ପ୍ରତିଫଳିତ କରେ । ଏହା ଅନ୍ତର୍ଭୁକ୍ତି, ସଶକ୍ତୀକରଣ ଏବଂ ସହଭାଗୀ ସମୃଦ୍ଧିର ମୂଳରେ ରହିଛି । ବାଣିଜ୍ୟକୁ ଜାତୀୟ ପରିବର୍ତନର ଏକ ମୁଖ୍ୟ ଉପକରଣ ଭାବରେ ବିବେଚନା କରାଯାଏ ନାହିଁ ଯାହା ଚାଷୀ, ଶ୍ରମିକ, ମହିଳା, ଯୁବପିଢ଼ି ଏବଂ ଅବହେଳିତ ବର୍ଗର ଲୋକଙ୍କୁ ଲାଭ ପହଂଚାଏ । ନାରୀ ଶକ୍ତି ଏହି ଚୁକ୍ତିନାମାର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଯେ ଏହା ଭାରତର ପ୍ରଥମ ମହିଳା ନେତୃତ୍ୱାଧୀନ ମୁକ୍ତ ବାଣିଜ୍ୟ ରାଜିନାମା । ଏହି ରାଜିନାମା ସ୍ୱାକ୍ଷର ପୂର୍ବରୁ ହୋଇଥିବା ଆଲୋଚନାବେଳେ ପ୍ରାୟ ସବୁ ପ୍ରତିନିଧି ଦଳରେ ମହିଳା ସଦସ୍ୟମାନେ ସାମିଲ ଥିଲେ । ଏଥିରେ ମୁଖ୍ୟ ଆଲୋଚକ, ଉପ-ମୁଖ୍ୟ ଆଲୋଚକ, କ୍ଷେତ୍ରୀୟ ନେତୃତ୍ୱ ଏବଂ ନ୍ୟୁଜିଲ୍ୟାଣ୍ଡରେ ଭାରତର ରାଷ୍ଟ୍ରଦୂତ ମଧ୍ୟ ଅନ୍ତର୍ଭୁକ୍ତ । ଏହି ମାଇଲଖୁଂଟ ମୋଦୀ ସରକାରରେ ମହିଳାମାନଙ୍କର ବୃଦ୍ଧି ପାଉଥିବା ଗୁରୁତ୍ୱକୁ ପୂର୍ଣ୍ଣ ମାତ୍ରାରେ ପ୍ରତିଫଳିତ କରେ । ଏହା ବିଭିନ୍ନ କ୍ଷେତ୍ରରେ ଶାସନ, ନେତୃତ୍ୱ ଏବଂ ନିଷ୍ପତି ଗ୍ରହଣରେ ମହିଳାମାନଙ୍କର ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ବ୍ୟାପକ ପ୍ରୟାସ ସହିତ ସମନ୍ୱିତ, ଜାତୀୟ ବିକାଶର ଏକ ବାହକ ଭାବରେ ନାରୀ ଶକ୍ତିର ଧାରଣାକୁ ଦୃଢ଼ କରୁଛି । ପ୍ରଥମେ କୃଷକ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଅତ୍ୟନ୍ତ ସତର୍କତାର ସହିତ ଏହି ମୁକ୍ତ ବାଣିଜ୍ୟ ରାଜିନାମାର ସର୍ତାବଳୀକୁ ଗଠନ କରାଯାଇଛି । ନ୍ୟୁଜିଲ୍ୟାଣ୍ଡ ସରକାର ଭାରତରେ କିୱି, ଆପଲ୍ ଏବଂ ମହୁ ଚାଷ ପାଇଁ କୃଷି ଉତ୍ପାଦକତା କାର୍ଯ୍ୟ ଯୋଜନାକୁ ସମର୍ଥନ କରିବ । ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ଉନ୍ନତ ରୋପଣ ସାମଗ୍ରୀ, ଗବେଷଣା ସହଯୋଗ, ଚାଷୀମାନଙ୍କ ପାଇଁ କ୍ଷମତା ନିର୍ମାଣ, କୃଷିକ୍ଷେତ ପରିଚାଳନା କାର୍ଯ୍ୟାଭ୍ୟାସ, ଅମଳ ପରବର୍ତୀ ଉନ୍ନତି, ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଏବଂ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ଆଦି ଅନ୍ତର୍ଭୁକ୍ତ । ଆପଲ୍ (ସେଓ) ଚାଷୀମାନଙ୍କ ପାଇଁ ପ୍ରକଳ୍ପ ଏବଂ ସ୍ଥାୟୀ ମହୁମାଛି ପାଳନ କାର୍ଯ୍ୟାଭ୍ୟାସ ଉତ୍ପାଦନ ଏବଂ ଗୁଣାତ୍ମକ ମାନ ବୃଦ୍ଧିରେ ସହାୟକ ହେବ, ଯାହା ଦେଶରେ କୃଷି ସମୃଦ୍ଧି ବୃଦ୍ଧି କରିବ । ଅନୁରୂପ ଭାବରେ ଭାରତ ଏହାର ମୂଳ କୃଷି ସ୍ୱାର୍ଥକୁ ଦୃଢ଼ ଭାବରେ ସୁରକ୍ଷିତ ରଖିଛି । ଦୁଗ୍ଧ (ଦୁଗ୍ଧ, କ୍ରିମ୍, ଛେନାପାଣି, ଦହି ଏବଂ ପନିର ସମେତ), ପିଆଜ, ଚଣା, ମଟର, ମକା, ବାଦାମ, ଚିନି ଏବଂ କେତେ ପ୍ରକାରର ତେଲ ତଥା ଚର୍ବି ପରି ସମ୍ବେଦନଶୀଳ ଉତ୍ପାଦଗୁଡ଼ିକୁ ଶୁଳ୍କ ରିହାତିରୁ ବାଦ ଦିଆଯାଇଛି । ଏହା ନିଶ୍ଚିତ କରେ ଯେ ଘରୋଇ ଚାଷୀମାନେ ବିପର୍ଯ୍ୟସ୍ତ ଆମଦାନୀ ପ୍ରତିଯୋଗିତାରୁ ଯେପରି ଦୂରରେ ଏବଂ ସୁରକ୍ଷିତ ରହିବେ । ସମସ୍ତ ବାଣିଜ୍ୟ ଆଲୋଚନାରେ ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ରକ୍ଷା କରିବା ଭାରତର ଆଭିମୁଖ୍ୟର କେନ୍ଦ୍ରବିନ୍ଦୁ ହୋଇଛି । ଯୁବବର୍ଗ ଏବଂ ବୃତିଧାରୀ ଏହି ଚୁକ୍ତିନାମାର ଏକ ପ୍ରମୁଖ ସ୍ତମ୍ଭ ହେଉଛନ୍ତି ଛାତ୍ର ଏବଂ ଦକ୍ଷ ବୃତିଧାରୀମାନଙ୍କ ପାଇଁ ଗତିଶୀଳତା ବୃଦ୍ଧି, ଯାହା ଭାରତର ଯୁବପିଢ଼ିଙ୍କ ପାଇଁ ନୂତନ ବିଶ୍ୱସ୍ତରୀୟ ପଥ ସୃଷ୍ଟି କରୁଛି । ଯେକୌଣସି ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାରେ ପ୍ରଥମ ଥର ପାଇଁ ନ୍ୟୁଜିଲ୍ୟାଣ୍ଡ ଭାରତୀୟ ଛାତ୍ରଙ୍କ ଗତିଶୀଳତା ଏବଂ ଅଧ୍ୟୟନ ପରବର୍ତୀ କାର୍ଯ୍ୟ ସୁଯୋଗ ପାଇଁ ଏକ ସାଂଗଠନିକ ଢାଂଚା ପ୍ରଚଳନ କରିଛି । ଭାରତୀୟ ଛାତ୍ରମାନଙ୍କ ପାଇଁ କୌଣସି ସଂଖ୍ୟାତ୍ମକ ସୀମା ନାହିଁ । ଛାତ୍ରମାନଙ୍କୁ ଅଧ୍ୟୟନ ସମୟରେ ପ୍ରତି ସପ୍ତାହରେ ଅତି କମରେ ୨୦ ଘଂଟା କାମ କରିବାକୁ ଅନୁମତି ଦିଆଯିବ, ଯେତେବେଳେ ଅଧ୍ୟୟନ ଷ୍ଟେମ୍ ସ୍ନାତକଙ୍କ ପାଇଁ ଅଧ୍ୟୟନ ପରବର୍ତୀ କାର୍ଯ୍ୟ ଅଧିକାର ତିନି ବର୍ଷ ଏବଂ ଡକ୍ଟରେଟ୍ ବିଦ୍ୱାନଙ୍କ ପାଇଁ ଏହି ଅବଧି ଚାରି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଇବ । ଏହି ଚୁକ୍ତିନାମା ଯେକୌଣସି ସମୟରେ ୫,୦୦୦ ଭାରତୀୟ ବୃତିଧାରୀଙ୍କ ପାଇଁ ଏକ ଅସ୍ଥାୟୀ ନିଯୁକ୍ତି ପ୍ରବେଶ ଭିସା ପଥ ପ୍ରଚଳନ କରେ, ଯାହା ସୂଚନା ଓ ପ୍ରଯୁକ୍ତି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ଶିକ୍ଷା, ନିର୍ମାଣ ଏବଂ ଯୋଗ, ଆୟୁର୍ବେଦ, ଭାରତୀୟ ଖାଦ୍ୟ ଏବଂ ସଙ୍ଗୀତ ଶିକ୍ଷା ଭଳି ଚୟନିତ ପାରମ୍ପରିକ କ୍ଷେତ୍ରଗୁଡ଼ିକରେ ତିନି ବର୍ଷ ପର୍ଯ୍ୟନ୍ତ ରହିବାକୁ ଅନୁମତି ପ୍ରଦାନ କରେ । ଏହା ସହିତ, ଏକ ୱାର୍କିଂ ହଲିଡେ ଭିସା ଯୋଜନା ବାର୍ଷିକ ୧,୦୦୦ ଯୁବ ଭାରତୀୟଙ୍କୁ ନ୍ୟୁଜିଲ୍ୟାଣ୍ଡରେ ୧୨ ମାସ ପର୍ଯ୍ୟନ୍ତ ଅବସ୍ଥାନ କରିବା ଏବଂ କାମ କରିବାକୁ ଅନୁମତି ଦେବ, ଯାହା ସାଂସ୍କୃତିକ ବିନିମୟ ଏବଂ ବିଶ୍ୱସ୍ତରୀୟ ସମ୍ପର୍କକୁ ସୁଦୃଢ଼ କରିବ । ନିବେଶ ଏବଂ ନବସୃଜନ ନ୍ୟୁଜିଲ୍ୟାଣ୍ଡ ଭାରତରେ ୨୦ ବିଲିୟନ ଆମେରିକୀୟ ଡଲାର ନିବେଶକୁ ସୁଗମ କରିବା ନିମନ୍ତେ ବଚନବଦ୍ଧ । ଏହା ଉତ୍ପାଦନ, ଭିତିଭୂମି, ନବସୃଜନ ଶକ୍ତି, ଡିଜିଟାଲ୍ ସେବା, ନବାଚାର ଇକୋସିଷ୍ଟମ୍ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି । ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଏକ ପୁନଃ-ସନ୍ତୁଳନ ଧାରାକୁ ରାଜିନାମାରେ ଅନ୍ତର୍ଭୁକ୍ତ କରାଯାଇଛି, ଯାହା ଭାରତକୁ ନିବେଶ ପ୍ରତିଶ୍ରୁତି ପୂରଣ ନହେଲେ ସଂଶୋଧନମୂଳକ ପଦକ୍ଷେପ ନେବାକୁ ଅନୁମତି ଦିଏ । ଏହି ଚୁକ୍ତିନାମା ଗବେଷଣା, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ଦକ୍ଷତା ବିକାଶ ଏବଂ ନବସୃଜନ-ଚାଳିତ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ମଧ୍ୟ ଉତ୍ସାହିତ କରିବା ସହିତ ଏହା ନିଶ୍ଚିତ କରେ ଯେ ବାଣିଜ୍ୟ ଦୀର୍ଘକାଳୀନ ବିକାଶମୂଳକ ସହଭାଗୀତା ଦ୍ୱାରା ପରିପୂରକ । ବାଣିଜ୍ୟ ରଣନୀତି ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ବିକଶିତ ଅର୍ଥନୀତି ସହିତ ସହଭାଗୀତାର ଏକ ସ୍ୱଷ୍ଟ ଏବଂ ଆତ୍ମବିଶ୍ୱାସୀ ବାଣିଜ୍ୟ ରଣନୀତିକୁ ପ୍ରତିଫଳିତ କରେ ଯାହା ଘରୋଇ ସମ୍ବେଦନଶୀଳତାକୁ ସମ୍ମାନ ପ୍ରଦାନ ପୂର୍ବକ ଭାରତର ଶ୍ରମ-ସଘନ କ୍ଷେତ୍ରଗୁଡ଼ିକ ପାଇଁ ଅର୍ଥପୂର୍ଣ୍ଣ ବଜାର ପ୍ରବେଶ ଉନ୍ମୁକ୍ତ କରିଥାଏ । ଭାରତ ଆଜି ନିଜର ସାମର୍ଥ୍ୟ ଏବଂ ବିଶ୍ୱସନୀୟତାର ସ୍ଥିତିରେ ସୁଦୃଢ଼ ରହି ଯେକୌଣସି ଆଲୋଚନା କରେ । ପୂର୍ବ ଦଶନ୍ଧି ପରି ନୁହେଁ, ଯେତେବେଳେ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ବିନା ଦୁର୍ବଳ କ୍ଷେତ୍ରଗୁଡ଼ିକୁ ପ୍ରକାଶ କରୁଥିଲ । କିନ୍ତୁ ବର୍ତମାନର ଆଲୋଚନା ନିଶ୍ଚିତ କରେ ଯେ କୃଷି, ଦୁଗ୍ଧ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହିବେ । ଭାରତ ଉନ୍ନତ ଅର୍ଥନୀତି ସହିତ ତା'ର ସମ୍ପର୍କକୁ ଆହୁରି ଗଭୀର କରୁଥିବାରୁ, ବିକଶିତ ବିଶ୍ୱ ସହିତ ବାଣିଜ୍ୟ ଚୁକ୍ତିନାମା ଏକ ଶକ୍ତିଶାଳୀ ଉଦାହରଣ ଭାବରେ ଉଭା ହୋଇଛି ଯେ କିପରି ବାଣିଜ୍ୟ ନୀତିକୁ ଜାତୀୟ ବିକାଶ ଲକ୍ଷ୍ୟ ସହିତ ସମନ୍ୱିତ କରାଯାଇପାରିବ, ବିକଶିତ ଭାରତ ୨୦୪୭ ପଥରେ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଏବଂ ଦୀର୍ଘକାଳୀନ ଆର୍ଥିକ ସ୍ଥିରତାକୁ ସୁନିଶ୍ଚିତ କରାଯାଇ ପାରିବ ।

***(ଲେଖକ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ)***

# ଉତ୍କଳ ସାମ୍ବାଦିକସଂଘର ଜିଲ୍ଲାକାର୍ଯ୍ୟକାରିଣୀ ବୈଠକ

ନୀଳଗିରି(ନିପ୍ର): ନୀଳଗିରି ଡାକବଙ୍ଗଳା ପରିସରରେ ଉତ୍କଳ ସାମ୍ବାଦିକସଂଘ ବାଲେଶ୍ୱର ଜିଲ୍ଲାଶାଖାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଲୋକନାଥ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବ୍ଲକ୍ ସଭାପତି ବ୍ରଜକିଶୋର ପାଣିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ୧୨ଟି ବ୍ଲକର ସମସ୍ତ କର୍ମକର୍ତାଙ୍କ ସମେତ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବାରିକ, ଜିଲ୍ଲା ଉପସଭାପତି ଜୀବନକୃଷ୍ଣ ବାରିକ, ସଂଗଠନ ସମ୍ପାଦକ ଭଗବାନ ଦାସ, ସାଧାରଣ ସମ୍ପାଦକ ସୁଧାଂଶୁଶେଖର ବାରିକ, ସମ୍ପାଦକ ବିଜୟ କୁମାର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଲୋକନାଥ ପରିଡ଼ା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବେହେରା, କାର୍ଯ୍ୟ କାରୀ ସଭାପତି ସଞ୍ଜୟ ସାମନ୍ତ, ଜିଲ୍ଲା ସମ୍ପାଦକ ପ୍ରକାଶ ପ୍ରଧାନ, ଅନାଦି ନାୟକ, ଜିଲ୍ଲା ସମ୍ପାଦକ ସରିତ୍ ସପନପଣ୍ଡା, ଉପସଭାପତି ଆତ୍ମାନନ୍ଦ ଦାସ, ଜଳେଶ୍ୱରବ୍ଲକ ସଭାପତି ସଭାପତି ମନୋଜ ଭୂୟାଁ, ରେମୁଣା ବ୍ଲକ ସଭାପତିଦୀପକ ପ୍ରଧାନ, ନୀଳଗିରି ବ୍ରଜକିଶୋର ପାଣି, ଔପଦା ବ୍ଲକ ସଭାପତି ଶଙ୍କର୍ଷଣ ମହାନ୍ତି, ବସ୍ତା ବ୍ଲକ ସଭାପତି ପ୍ରସନ୍ନ ପାତ୍ର, ବାହାନଗା ବ୍ଲକ ସଭାପତିସନ୍ଦୀପ ପଣ୍ଡା, ସୋର ବ୍ଲକ ସଭାପତିସେଖ୍ ସେଖ ତାଜୁଦ୍ଦିନ, ସିମୁଳିଆ ବ୍ଲକ କାର୍ଯ୍ୟ କାରୀ ସଭାପତିପର୍ଶୁରାମ ନାୟକ, ବାଲିଆପାଳ ବ୍ଲକ ସଭାପତି ଗୋପାଳ ବିଶ୍ୱାଳ, ମିଡ଼ିଆ କୋଡିନେଟର ପ୍ରମୋଦ କୁମାର ଶିଆଳ, ଅଜିତି ସାହୁ, ବିଭୂତି ଭୂଷଣ ବେହେରା, ମାନସ ବେଜ, ଅମିତ ବଳିଆୟାର ସିଂ, କପିଳ ସାମଲଙ୍କ ସମେତ ଶତାଧିକ ସଦସ୍ୟ/ସଦସ୍ୟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନୂତନ ସଭ୍ୟଭାବେ ଖଇରା ବ୍ଲକର ମହେନ୍ଦ୍ର ଶିଅଳ, ହେମନ୍ତ ସାହୁ, ନୀଳଗିରି ବ୍ଲକରୁ ଜଗନ୍ନାଥ ଦାସ, ସତ୍ୟବ୍ରତ ମଲ୍ଲିକ, ଧର୍ମେନ୍ଦ୍ର ମହାକୁଡ ପ୍ରମୁଖ ନୂତନ ସଭ୍ୟଭାବେ ଯୋଗଦେଇଥିଲେ । ସେମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା । ଏଥିରେ ରାଜ୍ୟସଂଘର ପ୍ରମୁଖ ୬ଗୋଟି ଦାବୀର ଯଥାର୍ଥତାକୁ ସମର୍ଥନ ଜଣାଇ ଆସନ୍ତା ୨୯ତାରିଖ ଦିନ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ୨ଘଂଟିଆ ପ୍ରତୀକ ଧର୍ମଘଟ କରାଯିବାର ନିଷ୍ପତି ନିଆଗଲା । ଏପ୍ରିଲ ୨୯ତାରିଖ ଦିନ ୬ଦଫାଦାବୀ ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବାର ସର୍ବସମ୍ମତି ନିଆଗଲା । ଏତଦ୍‌ଭିନ୍ନ ୧ ତାରିଖ ଶ୍ରମିକ ଦିବସରେ ପ୍ରତ୍ୟେକ ସାମ୍ବାଦିକ କଳାବ୍ୟାଚ ପରିଧାନ ପୂର୍ବକ ପ୍ରତିବାଦ ଜଣାଇବା ପାଇଁ ନିଷ୍ପତି ନିଆଗଲା । ଏହି ସଭାରେ ବାଲେଶ୍ୱର ସଦରବ୍ଲକର ସଭାପତି ଭାବେ ଜୀବନକୃଷ୍ଣ ବାରିକ ଏବଂ ରେମୁଣା ବ୍ଲକର ଦୀପକ କୁମାର ପରିଡ଼ାଙ୍କୁ ସଭାପତି ଭାବରେ ନିଷ୍ପତି ନିଆଗଲା । ସର୍ବଶେଷରେ ଆଗାମୀ ୨୯ତାରିଖ ସଂଘର ପ୍ରତ୍ୟେକ ସଦସ୍ୟଙ୍କୁ ସକାଳ୯ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିବାକୁ ଅନୁରୋଧ କରାଯାଇ ସଭାସଂଗ କରାଯାଇଥିଲା ।

# ନୂଆପଡ଼ା ସିନାପାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ନୂଆପଡ଼ା, (ନି.ପ୍ର)ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ଜିଲ୍ଲା ମୁଖ୍ଯ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଦ୍ୱାରିକା ନାଥ ଶତପଥୀ, ବ୍ଲକ ଅଧକ୍ଷା ମାଧୁରୀ ମାଝୀ, ବ୍ଲକ ଉପାଧକ୍ଷା ମୀନା ଘିବେଲା, ବିଡ଼ିଓ କାର୍ମୀ ଓରାମ , ତହସିଲଦାର ଉପାଞ୍ଜଳୀ ମାଝୀ, ଏସ୍ ଡି ପି ଓ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ତଥା ଗ୍ରାମ ଗୁଡିକରୁ ୩୧ ଗୋଟି ବ୍ୟକ୍ତିଗତ ଓ ୧୧ ଟି ଗୋଷ୍ଠୀଗତ ମୋଟ ୪୨ଗୋଟି ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା । ଶିବିରରେ କେନ୍ଦୁମୁଣ୍ଡା ଗ୍ରାମର ଖିଲେଶ୍ୱରୀ ମାଝୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ରେଡ୍ କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇ ଥିଲା କ୍ଷ ସେହିପରି, ହେମନ୍ତୀ ମାଝୀ ଓ ମାଳତୀ ସତନାମୀଙ୍କୁ ପାଂଚ ହଜାର ଟଙ୍କା ଲେଖାଏ ରେଡ୍ କ୍ରସ ପାଣ୍ଠିରୁ ଚେକ୍ ପ୍ରଦାନ କରାଯାଇଥିଲା । ଶିବିର ଉପଲକ୍ଷେ କଇଟପଦର ପଂଚାୟତରେ ଏକ ରକ୍ତଦାନ ଶିବିର ଓ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଓ ପ୍ରବାସୀ ଶ୍ରମିକ ନିରାକରଣ ନିମିତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା କ୍ଷ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ପାଇଁ ଏକ ଶିବିର ମଧ ଆୟୋଜନ କରାଯାଇଥିଲା । ଆଜି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଏବଂ ଗଣମାଧମ ପ୍ରତିନିଧି ଯୋଗ ଦେଇଥିଲେ

# ପ୍ରହ୍ଲାଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରକ୍ତଦାନ ଶିବିର

ନୀଳଗିରି, (ନି.ପ୍ର.) ନୀଳଗିରି ବ୍ଲକ ଜଡ଼ିଦା ପଂଚାୟତର ପୋଡାଶୁଳ ୟଙ୍ଗଷ୍ଟାର କ୍ଲବ ର ସଦସ୍ୟ ମାନଙ୍କ ଦ୍ୱାରା ଯଡ଼ିଦା ଗ୍ରାମରେ ଥିବା ପ୍ରହଲ୍ଲାଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ଦିନକୁ ସେବାମୂଳକ ଭାବେ । ଶିବିର ରେ ୧୦୩ ୟୁନିୟ ରକ୍ତ ସଂଗ୍ରହ ହେଇଛି । ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଫିତା କାଟି ଶିବିରରକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ସମସ୍ତ ଶୁଭେଚ୍ଛୁ, ଆୟୋଜକ ଓ ସହଯୋଗୀମାନଙ୍କୁ ତଥା ୟଙ୍ଗଷ୍ଟାର କ୍ଲବ ପୋଡ଼ଶୂଳ ଗ୍ରାମର ସମସ୍ତ ସଦସ୍ୟ ମାନଙ୍କୁ ଅନ୍ତରିକ ଧନ୍ୟବାଦ ଅର୍ପଣ କରିବା ସହ, ସମସ୍ତଙ୍କ ପ୍ରଚେଷ୍ଟାରେ ଆଜି ତାଙ୍କ ଶୁଭ ଜନ୍ମଦିବସ ରେ ଏଭଳି ମହତ କାର୍ଯ୍ୟ ସାଫଲ୍ୟ ମଣ୍ଡିତ ହୋଇଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଏଥିରେ ବିନୋଦ ମହାନ୍ତି, କୈଳାସ ମହାନ୍ତି, କାର୍ତିକ କର, ବିକାଶ ପତି, ମୁକେଶ ସାହୁ, ଅବିନାଶ ପ୍ରଧାନ, ବିବେକ ସାହୁ, ମୃତ୍ୟୁଞ୍ଜୟ ସଲ, ଧରମା ବେହେରା, ସୁନୀଲ ମଢେଇ, ସନ୍ତୋଷ ସାହୁ, ଅବିନାଶ ରାଉତ ତଥା ୟଙ୍ଗଷ୍ଟାର କ୍ଲବ ର ସମସ୍ତର ସଦସ୍ୟ ଉପଥିତ ଥିଲେ ।

# ବିବାହ ଶୋଭାଯାତ୍ରାରେ ହୋହାଲ୍ଲା, ଥାନାରେ ମାମଲା ରୁଜୁ

ବ୍ରହ୍ମପୁର(ନି.ପ୍ର) :ଗତକାଲି ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ସୋରଡ଼ା ବ୍ଲକ୍ ଅନ୍ତର୍ଗତ ବଡ ବଦାଙ୍ଗୀ ଗ୍ରାମରେ ଦଳିତ ସମ୍ପ୍ରଦାୟର ଲୋକମାନେ ଏକ ବିବାହ ଶୋଭାଯାତ୍ରାରେ ମୁଖ୍ୟରାସ୍ତାରେ ଯାଉଥିବା ବେଳେ ଗାଁର ସବର୍ଣ୍ଣ ଲୋକମାନେ ଜାତିଆଣ ମନୋଭାବ ନେଇ ସଂଘବଦ୍ଧ ଭାବେ ସେମାନଙ୍କୁ ବିରୋଧ କରିବା ସହ ଶୋଭାଯାତ୍ରା ନକରି ଫେରିଯିବାକୁ କହିଥିଲେ । ଶୋଭାଯାତ୍ରାକାରୀମାନେ ସେଥିରେ ରାଜି ନହେବାରୁ ସବର୍ଣ୍ଣ ଲୋକମାନେ ଠେଙ୍ଗାବାଡି ଓ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ । ଏହି ଅତର୍କିତ ଆକ୍ରମଣ ଫଳରେ ୧୦ରୁ ଉର୍ଦ୍ଧ୍ୱ ଦଳିତ ଲୋକ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଆକ୍ରମଣ ଭୟରେ ଗାଁର ଦଳିତ ଲୋକମାନେ ଘରଦ୍ୱାର ଛାଡି ବାହାରକୁ ଚାଲି ଯାଇଛନ୍ତି । ଓଡିଶା ଦଳିତ ମହାସଭା ଓ ଅଖିଳ ଭାରତ କିଶାନ୍ ମଜଦୁର୍ ସଭା ଏହି ଆକ୍ରମଣର ନିନ୍ଦା କରିବା ସହ ଅପରାଧୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏଠାରେ ଉଲ୍ଲେଖନୀୟ ଯେ ବଡ ବଦାଙ୍ଗୀ ଗ୍ରାମରେ ଦଳିତ ଲୋକମାନେ ଲଗାତାର ଭାବେ ଜାତିଆଣ ଭେଦଭାବ ଓ ହିଂସାର ଶିକାର ହୋଇ ଆସୁଛନ୍ତି । ଗାଁର ସର୍ବସାଧାରଣ ପୋଖରୀ, ମନ୍ଦିର ଆଦିରେ ଦଳିତମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ଗାଁର ହୋଟେଲରେ ଜାତି ଆଧାରରେ ଦୁଇ ଗ୍ଲାସର ବ୍ୟବସ୍ଥା ସହ ଦୋକାନରୁ ଜିନିଷ ପତ୍ର କିଣିବା ବେଳେ ଦଳିତ ଲୋକଙ୍କୁ ଜିନିଷ ଫୋପାଡ଼ି ଦେଉଛନ୍ତି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କଟକ (ନି.ପ୍ର) ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୭ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧରେ ୬୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୮ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୦ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ



ପୁଲିସ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ୍ ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଭତା,କୃଷି,ଶିକ୍ଷା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୦୪ ତାରିଖରେ ବାଙ୍କୀ ବ୍ଲକ୍ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଏମସିଏଲ ପରିବାର ପକ୍ଷରୁ ସିଭିଓ ଶ୍ରୀ ପି.କେ. ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା




ସମ୍ବଲପୁର(ନି.ପ୍ର.): ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ)ର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ଶ୍ରୀ ପ୍ରଣବ କୁମାର ପଟେଲଙ୍କୁ ଏମସିଏଲରେ ତାଙ୍କର ସଫଳ କାର୍ଯ୍ୟକାଳ ସମ୍ପନ୍ନ ହେବା ଅବସରରେ ଆଜି ଏକ ସମ୍ମାନଜନକ ତଥା ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ତାଙ୍କର ଉଲ୍ଲେଖନୀୟ ସେବା ଏବଂ ସଂସ୍ଥା ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ କମ୍ପାନୀ ପକ୍ଷରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀ ପଟେଲଙ୍କୁ କୃତଜ୍ଞତା ଜଣାଇବା ପାଇଁ କମ୍ପାନୀ ମୁଖ୍ୟାଳୟରେ ଏକ 'ସମ୍ମାନ ସମାରୋହ' ଆୟୋଜିତ ହୋଇଥିଲା । ଏହି ଅବସରରେ ଅଧ୍ୟକ୍ଷ ସହ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଶ୍ରୀ ଉଦୟ ଅନନ୍ତ କାଓଲେ; ଶ୍ରୀ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ); ଶ୍ରୀ ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ); ଶ୍ରୀ ଏସ.କେ. ଝା, ନିର୍ଦ୍ଦେଶକ (ବୈଷୟିକ) ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଥିସହ ବହୁ ସଂଖ୍ୟାରେ ବରିଷ୍ଠ ଅଧିକାରୀ ଏବଂ ଏମସିଏଲର କର୍ମଚାରୀମାନେ ଉପସ୍ଥିତ ରହି ତାଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଥିଲେ । ଏହି ଅବସରରେ ଉଦବୋଧନ ଦେଇ, ସିଏମଡି ଶ୍ରୀ କାଓଲେ କମ୍ପାନୀରେ ଭିଜିଲାନ୍ସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଶ୍ରୀ ପଟେଲଙ୍କ ବୃତିଗତ ମନୋଭାବ, ସଚ୍ଚୋଟତା ଏବଂ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସକ୍ରିୟ ପଦକ୍ଷେପ, ସ୍ୱଚ୍ଛତା ଏବଂ ନୈତିକ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ଶ୍ରୀ ପଟେଲଙ୍କୁ କୃତଜ୍ଞତା ଓ ସମ୍ମାନ ଜଣାଇ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ କେଶବ ରାଓ ନିଜେ ରଚନା କରିଥିବା ଏକ ହୃଦୟସ୍ପର୍ଶୀ କବିତା ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ପଦକ୍ଷେପ କାର୍ଯ୍ୟକ୍ରମକୁ ଅଧିକ ଆତ୍ମୀୟ କରିବା ସହ ଏମସିଏଲରେ ଶ୍ରୀ ପଟେଲଙ୍କ କାର୍ଯ୍ୟକାଳ ସହ ଜଡିତ ସୁମଧୁର ସ୍ମୃତିକୁ ଉଜ୍ଜୀବିତ କରିଥିଲା । ଭାରତୀୟ ରେଳବାଇ ଷ୍ଟୋର୍ସ ସେବା (ଓଜଝଝ, ୧୯୯୮ ବ୍ୟାଚ)ର ଅଧିକାରୀ ଶ୍ରୀ ପଟେଲ ଗତ ୨୮ ଏପ୍ରିଲ ୨୦୨୧ ରେ କମ୍ପାନୀର ନବମ ସିଭିଓ (ଉଠଙ) ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଏନଆଇଟି (ଘଓଝ) ରାଉରକେଲାରୁ ଇଞ୍ଜିନିୟରିଂ ସ୍ନାତକ ଏବଂ ଆଇଆଇଟି (ଓଓଝ) ଖଡଗପୁରରୁ ସ୍ନାତକୋତର (ଏମ୍.ଟେକ୍) କରିଥିବା ଶ୍ରୀ ପଟେଲ, ନିଜ କାର୍ଯ୍ୟକାଳ ମଧ୍ୟରେ ସଂସ୍ଥାରେ ସ୍ୱଚ୍ଛତା, ଉତରଦାୟିତ୍ୱ ଏବଂ ଭିଜିଲାନ୍ସ ସଚେତନତାକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିଜର ବିଦାୟୀ ଭାଷଣରେ ଶ୍ରୀ ପଟେଲ ତାଙ୍କ କାର୍ଯ୍ୟକାଳ ସମୟରେ ମିଳିଥିବା ସହଯୋଗ ପାଇଁ ଏମସିଏଲ୍ ପରିଚାଳନା କମିଟି ଏବଂ ସମସ୍ତ କର୍ମଚାରୀମାନଙ୍କୁ କୃତଜ୍ଞତା ଜଣାଇଥିଲେ । ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ସାଧୁତା ଏବଂ ଉତ୍କର୍ଷତା ପ୍ରତି ନିଜର ପ୍ରତିବଦ୍ଧତା ସହିତ ସଂସ୍ଥା ଆଗାମୀ ଦିନରେ ନିଶ୍ଚିତ ଭାବରେ ସଫଳତାର ନୂତନ ଶିଖରକୁ ପହଂଚିବ ।

# ନୀଳଗିରିରେ ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ନୀଳଗିରି (ନି.ପ୍ର.)ଆଜି ପୂର୍ବାହ୍ନ ରେ ନୀଳଗିରି ଡାକବଙ୍ଗଳା ପରିସରରେ ଉତ୍କଳ ସାମ୍ବାଦିକସଂଘ ବାଲେଶ୍ୱର ଜିଲ୍ଲାଶାଖାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଲୋକନାଥ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବ୍ଲକ୍ ସଭାପତି ବ୍ରଜକିଶୋର ପାଣିଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ୧୨ଟି ବ୍ଲକର ସମସ୍ତ କର୍ମକର୍ତାଙ୍କ ସମେତ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବାରିକ, ଜିଲ୍ଲା ଉପସଭାପତି ଜୀବନକୃଷ୍ଣ ବାରିକ, ସଂଗଠନ ସମ୍ପାଦକ ଭଗବାନ ଦାସ, ସାଧାରଣ ସମ୍ପାଦକ ସୁଧାଂଶୁଶେଖର ବାରିକ,ସମ୍ପାଦକ ବିଜୟ କୁମାର ପ୍ରଧାନ, କାର୍ଯ୍ୟକାରିଣୀ ସଦସ୍ୟ ଲୋକନାଥ ପରିଡା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବେହେରା,କାର୍ଯ୍ୟ କାରୀ ସଭାପତି ସଞ୍ଜୟ ସାମନ୍ତ,ଜିଲ୍ଲା ସମ୍ପାଦକ ପ୍ରକାଶ ପ୍ରଧାନ, ଅନାଦି ନାୟକ, ଜିଲ୍ଲା ସମ୍ପାଦକ ସରିତ୍ ସପନପଣ୍ଡା,ଉପସଭାପତି ଆତ୍ମାନନ୍ଦ ଦାସ, ଜଳେଶ୍ୱରବ୍ଲକ ସଭାପତି ସଭାପତି ମନୋଜ ଭୂୟାଁ, ରେମୁଣା ବ୍ଲକ ସଭାପତିଦୀପକ ପ୍ରଧାନ, ନୀଳଗିରି ବ୍ରଜକିଶୋର ପାଣି,ଔପଦା ବ୍ଲକ ସଭାପତି ଶଙ୍କର୍ଷଣ ମହାନ୍ତି,ବସ୍ତା ବ୍ଲକ ସଭାପତି ପ୍ରସନ୍ନ ପାତ୍ର,ବାହାନଗା ବ୍ଲକ ସଭାପତିସନ୍ଦୀପ ପଣ୍ଡା, ସୋର ବ୍ଲକ ସଭାପତିସେଖ୍ ସେଖ ତାଜୁଦ୍ଦିନ, ସିମୁଳିଆ ବ୍ଲକ କାର୍ଯ୍ୟ କାରୀ ସଭାପତିପର୍ଶୁରାମ ନାୟକ, ବାଲିଆପାଳ ବ୍ଲକ ସଭାପତି ଗୋପାଳ ବିଶ୍ୱାଳ, ମିଡ଼ିଆ କୋଡିନେଟର ପ୍ରମୋଦ କୁମାର ଶିଆଳ,ଅଜିତି ସାହୁ,ବିଭୂତି ଭୂଷଣ ବେହେରା,ମାନସ ବେଜ,ଅମିତ ବଳିଆର୍ୟାର ସିଂ, କପିଳ ସାମଲଙ୍କ ସମେତ ଶତାଧିକ ସଦସ୍ୟ/ସଦସ୍ୟା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ନୂତନ ସଭ୍ୟଭାବେ ଖଇରା ବ୍ଲକର ମହେନ୍ଦ୍ର ଶିଅଳ, ହେମନ୍ତ ସାହୁ, ନୀଳଗିରି ବ୍ଲକରୁ ଜଗନ୍ନାଥ ଦାସ, ସତ୍ୟବ୍ରତ ମଲ୍ଲିକ, ଧର୍ମେନ୍ଦ୍ର ମହାକୁଡ ପ୍ରମୁଖ ନୂତନ ସଭ୍ୟଭାବେ ଯୋଗଦେଇଥିଲେ । ସେମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା । ଏଥିରେ ରାଜ୍ୟସଂଘର ପ୍ରମୁଖ ୬ଗୋଟି ଦାବୀର ଯଥାର୍ଥତାକୁ ସମର୍ଥନ ଜଣାଇ ଆସନ୍ତା ୨୯ତାରିଖ ଦିନ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ୨ଘଂଟିଆ ପ୍ରତୀକ ଧର୍ମଘଟ କରାଯିବାର ନିଷ୍ପତି ନିଆଗଲା । ଏପ୍ରିଲ ୨୯ତାରିଖ ଦିନ ୬ଦଫାଦାବୀ ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବାର ସର୍ବସମ୍ମତି ନିଆଗଲା ।ଏତଭିନ୍ନ ୧ତାରିଖ ଶ୍ରମିକଦିବସରେ ପ୍ରତ୍ୟେକ ସାମ୍ବାଦିକ କଳାବ୍ୟାଚ ପରିଧାନ ପୂର୍ବକ ପ୍ରତିବାଦ ଜଣାଇବା ପାଇଁ ନିଷ୍ପତି ନିଆଗଲା । ଏହି ସଭାରେ ବାଲେଶ୍ୱର ସଦରବ୍ଲକର ସଭାପତି ଭାବେ ଜୀବନକୃଷ୍ଣ ବାରିକ ଏବଂ ରେମୁଣା ବ୍ଲକର ଦୀପକ କୁମାର ପରିଡାଙ୍କୁ ସଭାପତି ଭାବରେ ନିଷ୍ପତି ନିଆଗଲା । ସର୍ବଶେଷରେ ଆଗାମୀ ୨୯ତାରିଖ ସଂଘର ପ୍ରତ୍ୟେକ ସଦସ୍ୟଙ୍କୁ ସକାଳ୯ପୂର୍ବରୁ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିବାକୁ ଅନୁରୋଧ କରାଯାଇ ସଭାସଂଗ କରାଯାଇଥିଲା ।

# ସେମି ଫାଇନାଲରେ ଆଲଫା ସ୍ପୋର୍ଟି କ୍ଲବ

ବ୍ରହ୍ମପୁର (ନି.ପ୍ର): ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ପ୍ରଥମ ବ୍ରହ୍ମପୁର ବୁଲ୍ସ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଂଟ ତୃତୀୟ ଦିନରେ ଦୁଇଟି ମ୍ୟାଚ ଖେଳା ଯାଇଥିବା ବେଳେ ପ୍ରଥମ ମ୍ୟାଚ ଦିଗପହଣ୍ଡି କ୍ରିକେଟ କ୍ଲବ ବନାମ ଡିଫେନ୍ସ ଏକାଡେମୀ ସହ ମ୍ୟାଚ୍ ହୋଇଥିଲା । ଦିଗପହଣ୍ଡି କ୍ରିକେଟ କ୍ଲବ ପ୍ରଥମ ଟସ ଜିଣି ବ୍ୟାଟିଂ ର ନିଷ୍ପତି ନେଇଥିଲା । ୧୭ ଓଭର ରେ ୧୦ ଗୋଟି ୱିକେଟ ବିନିମୟ ରେ ୧୬୪ ରନ୍ ସଂଗ୍ରହ କରିଥିବା ବେଳେ ଡିଫେନ୍ସ ଏକାଡେମୀ ୧୮ ଓଭର ରେ ୯ ଗୋଟି ୱିକେଟ ବିନିମୟ ରେ ୧୫୧ ରନ୍ ସଂଗ୍ରହ କରିଥିଲା ।ଦିଗପହଣ୍ଡି କ୍ରିକେଟ କ୍ଲବ ବିଜୟ ହାସଲ କରିଥିଲା । ଅତିଥି ରୂପେ ଗୋପାଳ କୃଷ୍ଣ ରେଡ୍ଡୀ ମେନ୍ ଅଫ ଦି ମ୍ୟାଚ ଅଶୋକ ସ୍ୱାଇଁ କୁ ପ୍ରଧାନ କରିଥିଲେ । ସେହି ପରି ଦ୍ୱିତୀୟ ମ୍ୟାଚ୍ ରେ ଆଲଫା ସ୍ପୋର୍ଟି କ୍ଲବ ବନାମ ରାମେଶ୍ୱର କ୍ରିକେଟ କ୍ଲବ ମ୍ୟାଚ୍ ହୋଇଥିଲା । ଆଲଫା ପ୍ରଥମ ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା ୨୦ ଓଭରେ ୧୮୬ ରନ୍ ସଂଗ୍ରହ କରିଥିଲା । ରାମେଶ୍ୱର ଦଳ ୧୦୫ ଅଲ୍ ଆଉଟ୍ ହୋଇ ପରାଜୟ ହୋଇଥିଲେ । ଅତିଥି ରୂପେ ବିଜୟ ଭାସ୍କର ସିଂ ସାମନ୍ତ କରକମଳେ ବିଜୟ ହୋଇଥିବା ଦଳ ଆଲଫା ସ୍ପୋର୍ଟି କ୍ଲବ ରାକେଶ ବିଶ୍ୱାଳ ଙ୍କୁ ମେନ୍ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଂଟରେ ପ୍ରଥମ ସେମି ଫାଇନାଲରେ ଆଲଫା ସହ ରମ୍ଭା କ୍ରିକେଟ ଦଳ ସହ ମ୍ୟାଚ୍ ହେବ । ଏହି ମ୍ୟାଚ କୁ ଦିରେନ ମିଶ୍ର, ସନ୍ତୋଷ କୁମାର ହୋତା, ସୁଭ୍ରାଂଶୁ କୁଜୁରୁ ଅମ୍ପାଇର ରୂପେ ପରିଚାଳନା କରିଥିଲେ ।

# କୋଣାର୍କସ୍ଥିତ 'ଓସଓ୍ୱାଲି' ଠାରେ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର: ଓଡ଼ିଶାକୁ ଏକ ନିରାପଦ ଏବଂ ପ୍ରମୁଖ ସାହସିକ ପର୍ଯ୍ୟଟନ ଗନ୍ତବ୍ୟ ସ୍ଥଳ ଭାବରେ ଗଢ଼ିତୋଳିବା ପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସର୍କାର ପକ୍ଷରୁ ଜଳଭିତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କୌଶଳମୂଳକ ସହଭାଗିତା ସ୍ଥାପନ କରାଯାଇଛି ।ଏହି ପରିପ୍ରେକ୍ଷ୍ୟରେ, ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ (ଘଓଡଝ) ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତ୍କାଳୀନ ସେବା (ଡରରଝ) ସହ ବୁଝାମଣା ପତ୍ର (ଗକ୍ଟଟ) ସ୍ୱାକ୍ଷର କରିଛନ୍ତି ।ଏହି ପଦକ୍ଷେପର ଅଂଶସ୍ୱରୂପ, କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ (ଡଝଡଇଖଓ) ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜି ପ୍ରଥମ ବ୍ୟାଚ୍ ?ର ତାଲିମ ଆରମ୍ଭ ହୋଇଛି, ଯାହା ଏକ ଦକ୍ଷତା ବିକାଶ ପ୍ରକ୍ରିୟାର ପ୍ରାରମ୍ଭକୁ ସୂଚାଉଛି ।ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ବିଶେଷତ୍ୱ: ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ଟି ବ୍ୟାଚ୍ ?ରେ ପରିଚାଳିତ ହେବ, ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ବ୍ୟାପି ରହିବ । ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ । ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ । ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ । ଏଥିରେ ଉଦ୍ଧାର କୌଶଳ, ସି.ପି.ଆର (ଉଚଜ) ଓ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି । ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜବୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨-୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି ।ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ (ଘଓଡଝ) ସହ ସହଭାଗିତା ହେତୁ ସମସ୍ତ ତାଲିମ ମୋଡ୍ୟୁଲ୍ ଜାତୀୟ ସ୍ତରର ମାନଦଣ୍ଡ ଏବଂ ପ୍ରମାଣପତ୍ର ନିୟମାବଳୀ ଅନୁଯାୟୀ ହେବା ନିଶ୍ଚିତ ହୋଇଛି । ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ମଧ ସମାପ୍ତ ହୋଇଛି । ଏହି ତଥ୍ୟକୁ ଆଧାର କରି, ଲାଇଫଗାର୍ଡ୍ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବମାନଙ୍କର ଜିଲ୍ଲାଭିତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲୁଅଛି, ଯାହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ? ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ । ଏହି ପର୍ଯ୍ୟାୟରେ ଉତିର୍ଣ୍ଣ ଲାଇଫଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ । ତାଲିମ କାର୍ଯ୍ୟକ୍ରମରେ ଗ୍ରହୀତ 'ନିରନ୍ତର ବ୍ୟାଚ୍ ? ପ୍ରଣାଳୀ ବା ମଡେଲ' ଦ୍ୱାରା କ୍ଷମତା ବିକାଶ ଗତିଶୀଳ ହେବା ସହିତ ଆସନ୍ତା ପର୍ଯ୍ୟଟନ ଋତୁ ପୂର୍ବରୁ ଓଡ଼ିଶାର ସମୁଦ୍ରତଟ ଓ ଜଳ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ, ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ (ଡଝଡଇଖଓ) ସହଯୋଗରେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଉଚ୍ଚମାନର ତାଲିମ ଏବଂ ସଠିକ୍ ସ୍ଥାନରେ ଲାଇଫଗାର୍ଡଙ୍କ ନିୟୋଜନ ଦ୍ୱାରା ବିପଦ ହ୍ରାସ ପାଇବା ସହ ପର୍ଯ୍ୟଟକମାନେ ଏକ ନିରାପଦ ଅନୁଭୂତି ପାଇପାରିବେ ।




# ପୋଲସରାରେ ଚାଂଚଲ୍ୟ : ବଡଭାଇର ବାହାଘରରେ ସାନଭାଇକୁ ହତ୍ୟା

ବ୍ରହ୍ମପୁର / ପୋଲସରା (ନି.ପ୍ର.): ଗଂଜାମ ଜିଲ୍ଲା ପୋଲସରା ଥାନା ବାଲିଘାଇ ଗ୍ରାମରେ ଗତକାଲି ରାତିରେ ବଡ ଭାଇ ରିଙ୍କୁ ଜେନାର ବାହାଘର ପ୍ରୋସେସନ ଚାଲିଥିବା ବେଳେ ସାନ ଭାଇ ଆକାଶ ଜେନାକୁ ମାରଣାସ୍ତ୍ରରେ ହାଣି ହତ୍ୟା କଲେ ଦୁର୍ବୃତ । ବାହାଘର ପ୍ରୋସେଶନରେ କୌଣସି କଥାକୁ ନେଇ ସେହି ଗ୍ରାମର ଜଣେ ଯୁବକଙ୍କ ସହ ଆକାଶଙ୍କ ଯୁକ୍ତିତର୍କ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଉକ୍ତ ଯୁବକ ଓ ତାର ଅନ୍ୟ ସହଯୋଗୀ ମାନେ ମିଶି ଆକାଶକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ



ଫଳରେ ଆକାଶର ଅନ୍ତଃ ବୁଜୁଳା ବାହାରକୁ ଆସିଯାଇଥିଲା । ପରିବାର ଲୋକେ ତୁରନ୍ତ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆକାଶକୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା ଆଜି ଚିକିତ୍ସାଧୀନ ଅବସ୍ଥାରେ ଆକାଶର ମୃତ୍ୟୁ ଘଟିଛି କ୍ଷ ଏନେଇ ପରିବାର ପକ୍ଷରୁ ଥାନାରେ ଏତଲା ହେବାପରେ ପୋଲସରା ଥାନା କେଶ ନଂ ୨୩୮/୨୬ରେ ଏକ ମାମଲା ରୁଜୁ ହେବା ସହିତ ପୋଲିସ କିଛି ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ନେଇ ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି ।

# ଦୁର୍ଘଟଣାରେ ଗଂଜାମର ମୃତକଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଗଞ୍ଜାମ ଜିଲ୍ଲା ଚିକିଟି ତହସିଲର ସନ୍ତୋଷ କୁମାର ମହାରଣା (ପିତା – ଅଭିମନ୍ୟୁ ମହାରଣା)ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ୍ସ ମାଧ୍ୟମରେ ଏହି ସୂଚନା ଦିଆଯାଇଛି ।

# ମେ’ ଦ୍ୱିତୀୟ ସପ୍ତାହରେ ବାହାରିପାରେ ମାଟ୍ରିକ ରେଜଲ୍ଟ !

କନକ ବ୍ୟୁରୋ : ମେ’ ଦ୍ୱିତୀୟ ସପ୍ତାହରେ ବାହାରିପାରେ ମାଟ୍ରିକ ରେଜଲ୍ଟ । ଏନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି । ତେବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଖୁବ୍ ଶୀଘ୍ର ଆସିବ ଫଳାଫଳ । ତେବେ ମେ’ ତୃତୀୟ ସପ୍ତାହ ସୁଦ୍ଧା ଯୁକ୍ତ ୨ ପରୀକ୍ଷା ଫଳ ଆସିପାରେ । ଚଳିତ ବର୍ଷ ଦଶମ ପରୀକ୍ଷା ଦେଇଛନ୍ତି ୫ ଲକ୍ଷ ୬୧ ହଜାରରୁ ଅଧିକ ପରିକ୍ଷାର୍ଥୀ । ୩ହଜାର ୮୨ଟି କେନ୍ଦ୍ରରେ ୫ଲକ୍ଷ ୬୧ହଜାର ୯୭୯ ଜଣ ପରୀକ୍ଷା ଦେଇଛନ୍ତି । ଫେବୃଆରୀ ୧୯ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ମାଟ୍ରିକ ପରୀକ୍ଷା ।








# ଆଜି ଅମୃତ ଭାରତ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ରେଳ ମନ୍ତ୍ରଣାଳୟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ମଧ୍ୟରେ ସଂଯୋଗକୁ ମଜବୁତ କରିବା ପାଇଁ ଦୁଇଟି ନୂତନ ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଆରମ୍ଭ କରିବାକୁ ଘୋଷଣା କରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଦିନ ବନାରସ-ହଡପସର (ପୁଣେ) ଏବଂ ଅଯୋଧ୍ୟା-ମୁମ୍ବାଇ (ଲୋକମାନ୍ୟ ତିଳକ ଟର୍ମିନସ) ଅମୃତ ଭାରତ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ରେଳ ମନ୍ତ୍ରଣାଳୟ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁଯାୟୀ, ଏହି ଦୁଇଟି ଟ୍ରେନ୍ ବିଶେଷ କରି ନିମ୍ନ ଏବଂ ମଧ୍ୟମ ଆୟ ବର୍ଗର ଯାତ୍ରୀମାନଙ୍କୁ ଧ୍ୟାନରେ ରଖି ଆରମ୍ଭ କରାଯାଇଛି, ଯେଉଁଥିରେ ସାଧାରଣ ଏବଂ ସ୍ଲିପର କୋଚ୍ ସହିତ ଆଧୁନିକ ସୁବିଧା ରହିବ । ଏହି ଟ୍ରେନଗୁଡ଼ିକରେ ଉନ୍ନତ ଆସନ ବ୍ୟବସ୍ଥା, ସି. ସି. ଟି. ଭି. ନିରୀକ୍ଷଣ, ଜରୁରୀକାଳୀନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ପ୍ରଯୁକ୍ତି, ମୋବାଇଲ ଚାର୍ଜିଂ ପଏଂଟ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ଅନୁକୂଳ ସୁବିଧା ରହିଛି ।

# ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ : ଭାରତ ଏବଂ ନ୍ୟୁଜିଲାଣ୍ଡ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ହୋଇଛି । ଏହି ଚୁକ୍ତି ଦ୍ୱିପାକ୍ଷିକ ବାଣିଜ୍ୟକୁ ପରିବର୍ତ୍ତନ କରିପାରିବ । ଏହି ଚୁକ୍ତିନାମାରେ ଶୁଳ୍କ ହ୍ରାସ, କଷ୍ଟମ୍ ନିୟମକୁ ସହଜ କରିବା ଏବଂ ଉନ୍ନତ ବଜାର ପ୍ରବେଶ ପାଇଁ ବ୍ୟବସ୍ଥା କରାଯାଇଛି । ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ନ୍ୟୁଜିଲାଣ୍ଡ ବାଣିଜ୍ୟ ମନ୍ତ୍ରୀ ଟଡ୍ ମ୍ୟାକକ୍ଲେଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ବର୍ଷ ବର୍ଷ ଧରି ଆଲୋଚନା ପରେ ଦୁଇ ଦେଶ ଶେଷରେ ଆଜି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ଏକ ପ୍ରମୁଖ ବ୍ୟବସ୍ଥା ହେଉଛି ଯେ ନ୍ୟୁଜିଲାଣ୍ଡ ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ୨୦ ବିଲିୟନ ଡଲାର ନିବେଶ କରିବ । ପୂର୍ବରୁ ୩୦% ରୁ ୧୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ ହୋଇଥିବା ଉତ୍ପାଦଗୁଡ଼ିକୁ ରିହାତି ମିଳିବ । ଏହା ସମ୍ବେଦନଶୀଳ ଘରୋଇ କ୍ଷେତ୍ରଗୁଡ଼ିକୁ ସୁରକ୍ଷା ଦେବା ସହିତ ସାମଗ୍ରୀଗୁଡ଼ିକୁ ଶସ୍ତା କରିବା ଲକ୍ଷ୍ୟ ରଖିଛି । ଭାରତରେ ନ୍ୟୁଜିଲାଣ୍ଡର ପ୍ରାୟ ୯୫% ରପ୍ତାନି ଶୁଳ୍କମୁକ୍ତ ହେବ କିମ୍ବା ଯଥେଷ୍ଟ ହ୍ରାସ ପାଇବ । ପଶମ, କୋଇଲା ଏବଂ ମେଣ୍ଢା ଉପରେ ଶୁଳ୍କ ତୁରନ୍ତ ସମାପ୍ତ କରାଯିବ । ଯାହା ଫଳରେ ପ୍ରଥମ ଦିନରୁ ଆମଦାନୀ ଶସ୍ତା ହେବ । ସ ମଧ୍ୟ ନ୍ୟୁଜିଲ୍ୟାଣ୍ଡରେ ପ୍ରବାସୀ ଭାରତୀୟଙ୍କ ଯୋଗଦାନ ଏବଂ ଦୀର୍ଘକାଳୀନ ସାଂସ୍କୃତିକ ତଥା କ୍ରୀଡା ସମ୍ପର୍କ ସମେତ ଗଭୀର ଲୋକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ପରିବର୍ତ୍ତିତ ବିଶ୍ୱ ପରିଦୃଶ୍ୟରେ ଭାରତକୁ ଏକ ପ୍ରମୁଖ ଅଂଶୀଦାର ଭାବେ ବର୍ଣ୍ଣନା କରି ଏହି ରାଜିନାମା ସହଯୋଗକୁ ଗଭୀର କରିବ ଏବଂ ସହଭାଗୀ ସମୃଦ୍ଧି ପ୍ରଦାନ କରିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ । କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୁଷ ଗୋୟଲ କହିଥିଲେ, ‘ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ବିକଶିତ ବିଶ୍ୱ ସହିତ ଭାରତର ସମ୍ପର୍କର ଏକ ନିର୍ଣ୍ଣାୟକ



ମାଇଲଖୁଂଟ । ଏହା ଆମର କୃଷକ, ମହିଳା, ଯୁବକ, କାରିଗର ଏବଂ ଉଦ୍ୟୋଗୀମାନଙ୍କ ପାଇଁ ବିଶ୍ୱସ୍ତରୀୟ ଆର୍ଥିକ ଭାଗିଦାରୀ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ବିଗତ କିଛି ବର୍ଷ ମଧ୍ୟରେ ୩୮ଟି ବିକଶିତ ଦେଶ ସହିତ ଏହା ଭାରତର ନବମ ରାଜିନାମା । ଏହି ରାଜିନାମାର ମୂଳରେ ରପ୍ତାନୀ, କୃଷି ଉତ୍ପାଦକତା, ଛାତ୍ରଛାତ୍ରୀଙ୍କ ଗମନାଗମନ, ଦକ୍ଷତା, ନିବେଶ ଏବଂ ସେବା କ୍ଷେତ୍ରରେ ସଶକ୍ତିକରଣ ରହିଛି । ନ୍ୟୁଜିଲ୍ୟାଣ୍ଡରୁ ୨୦ ବିଲିୟନ ଆମେରିକୀୟ ଡଲାରର ନିବେଶ ପ୍ରତିବଦ୍ଧତା ଭାରତର ଅଭିବୃଦ୍ଧି କାହାଣୀ ଉପରେ ଦୃଢ଼ ଆତ୍ମବିଶ୍ୱାସର ସଙ୍କେତ ଦେଉଛି । ଏହା ଏମ୍.ଏସ୍.ଏମ୍.ଇ. ଗୁଡ଼ିକୁ ସୁଦୃଢ଼ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ବିଶ୍ୱ ବଜାରରେ ସମୃଦ୍ଧ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ । ଶ୍ରୀ ପୀୟୁଷ ଗୋୟଲ କହିଥିଲେ ଯେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ରାଜିନାମା ନଅ ମାସ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଗତ ସାଢ଼େ ତିନି ବର୍ଷ ମଧ୍ୟରେ ଭାରତ ଏହାର ସପ୍ତମ ଏଫ୍.ଟି.ଏ. ସ୍ୱାକ୍ଷର କରୁଛି, ଯେଉଁଥିରେ ୟୁରୋପୀୟ ସଂଘ ଏବଂ ଆମେରିକା ସହିତ ରାଜିନାମା କରିବାର ଯୋଜନା ରହିଛି । ଦେଶ ୩୮ଟି ଉନ୍ନତ ଅର୍ଥବ୍ୟବସ୍ଥା ସହିତ ମୋଟ ନଅଟି ଏଫ୍.ଟି.ଏ. କରିଛି ଯାହା ବିଶ୍ୱ ଜି. ଡି. ପି. ର ପ୍ରାୟ ୬୫-୭୦ ପ୍ରତିଶତ । ଏହି ରାଜିନାମା ଅଧୀନରେ ୨୦ ବିଲିୟନ ଆମେରିକୀୟ ଡଲାରର ନିବେଶ ପ୍ରବାହ ଆଶା କରାଯାଉଥିବା ସେ ଉଲ୍ଲେଖ କରିଥିଲେ ଏବଂ କହିଥିଲେ ଯେ ନ୍ୟୁଜିଲ୍ୟାଣ୍ଡ୍ ୧୩୯ଟି କ୍ଷେତ୍ରରେ ଏମ୍.ଏଫ୍.ଏନ୍. ପ୍ରତିବଦ୍ଧତା ସହିତ ୧୧୮ଟି କ୍ଷେତ୍ରରେ ପ୍ରବେଶ ଉନ୍ମୁକ୍ତ କରିଛି ।

# ସାଇନ୍ସ ଓ ଟେକ୍ନୋଲେଜି ସେକ୍ଟର ସମ୍ପର୍କିତ ନାଗରିକଙ୍କୁ ମହାକାଶ ଯିବାର ସୁଯୋଗ ମିଳିବ : ଇସ୍ରୋ

ନୂଆଦିଲ୍ଲୀ : ମହାକାଶକୁ ଛୁଇଁବାର ସ୍ୱପ୍ନ ଏବେ ସାଧାରଣ ନାଗରିକଙ୍କ ପୁରା ହେବାକୁ ଯାଉଛି । ମାନବଯୁକ୍ତ ଗଗନାୟନ ମିଶନ ଅନୁସାରେ, କିଛି ପର୍ଯ୍ୟାୟକୁ ପୁରା କରିବା ପରେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ (ଇସ୍ରୋ) ଭାରତର ମହାକାଶ ଯାତ୍ରୀ କ୍ୟାଡରଙ୍କୁ ପ୍ରଥମ ଥର ସାଧାରଣ ନାଗରିକଙ୍କ ପାଇଁ ଖୋଲିବାକୁ ନିଷ୍ପତି ନେଇଛି । ଇସ୍ରୋ ମହାକାଶଚାରୀ ଚୟନ କମିଟି ଏହାକୁ ସୁପାରିଶ କରିଛି । ତେବେ ଏହାର କ୍ରାଇଟେରିଆ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଇସ୍ରୋର ଯୋଜନା ରହିଛି ଯେ, ଗଗନଯାନ ମିଶନ୍‌ର ପ୍ରାରମ୍ଭିକ ପର୍ଯ୍ୟାୟ ପୁରା ହେବାପରେ ଯାତ୍ରୀ କ୍ୟାଡର ଖୋଲା ଯାଉ । ଏହା ଉପରେ ବିସ୍ତୃତ ଚର୍ଚ୍ଚା ହେଉଛି । ଅର୍ଥାତ ଆଗାମୀ କିଛି ବର୍ଷରେ ପାଇଲଟ୍ ହିଁ ନୁହେଁ, ବଂର ସାଇନ୍ସ ଓ ଟେକ୍ନୋଲେଜି ସେକ୍ଟର ସମ୍ପର୍କିତ ନାଗରିକଙ୍କୁ ମହାକାଶକୁ ଯିବାର ସୁଯୋଗ ମିଳିପାରେ । କମିଟି ସୁପାରିଶ କରିଛି ଯେ ଗଗନଯାନ ମିଶନ ପାଇଁ ଦ୍ୱିତୀୟ ବ୍ୟାଚ୍ ମହାକାଶଚାରୀମାନଙ୍କ ମଧ୍ୟରେ ଛଅ ଜଣ ବାୟୁସେନା ପାଇଲଟ୍ ଏବଂ ବେସାମରିକ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତପୃଷ୍ଠଭୂମିର ଚାରି ଜଣ ସିଭିଲିଆନ୍ ସ୍ପେଶାଲିଷ୍ଟ ସାମିଲ ହେବେ । ଯୋଜନାର ଅନୁମାନ ଅନୁସାରେ, ପ୍ରତି ବର୍ଷ ଦୁଇଟି ମାନବମୁକ୍ତ ମିଶନ୍ ହେବ ଓ ମହାକାଶ ଯାତ୍ରୀ ଗୋଟିଏ ମିଶନ୍ରୁ ଫେରିବା ପରେ ଦୁଇ ବର୍ଷ ବ୍ୟବଧାନରେ ପୁଣିଥରେ ଉଡାଣ ଭରିପାରିବେ । ମହାକାଶ ଯାତ୍ରୀଙ୍କ ଚୟନ, ପ୍ରଶିକ୍ଷଣ ଓ ମିଶନ୍ର ପ୍ରସ୍ତୁତି ପାଇଁ ସାଢେ ୪ ବର୍ଷ ସମୟ ଲାଗିବ ।

# ଆଇନ ମନ୍ତ୍ରୀଙ୍କୁ ଲିଙ୍ଗରାଜ ମନ୍ଦିର ସତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରିଣ ରିପୋର୍ଟ ପ୍ରଦାନ



ଭୁବନେଶ୍ୱର : ମହାପ୍ରଭୁ ଲିଙ୍ଗରାଜଙ୍କ ସତ୍ୱଲିପି କମିଟି ପକ୍ଷରୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି । ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ରିପୋର୍ଟ ଗ୍ରହଣ କରିବା ସହ ଏହାକୁ ସଂପୂର୍ଣ୍ଣ ଅନୁଶୀଳନ କରି ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କରାଯିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତୀ ନିଷ୍ପତି ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶ୍ରୀ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଆନ୍ତଃ-ମନ୍ତ୍ରଣାଳୟ ସୂଚନା

## ଖୁବ୍‌ଶୀଘ୍ର କତାରରୁ ଭାରତକୁ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ବିମାନ ଚଳାଚଳ

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ସୃଷ୍ଟ ପରିସ୍ଥିତି ଧିରେ ଧିରେ ସ୍ୱାଭାବିକ ହେବାକୁ ଲାଗିଛି । ଏ ଅଂଚଳର ବିଭିନ୍ନ ଦେଶସହ ବ୍ୟବସାୟିକ ଓ କୂଟନୀତିକ ସହଯୋଗ ବୃଦ୍ଧି ହେତୁ କାରବାର ଓ ଜନଭାଗିଦାରୀ ମଧ୍ୟ ସ୍ୱାଭାବିକ ହେବାକୁ ଲାଗିଛି । ଉତେଜନା ଅଂଚଳରୁ ବିମାନ ଚଳାଚଳ ସ୍ଥିତିରେ ସୁଧାର ଆସୁଥିବାଭାରତ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ୨୮ ଫେବୃଆରୀ ପରଠାରୁ ପ୍ରାୟ ୧୩,୧୯,୦୦୦ ଯାତ୍ରୀ ସେହି ଅଂଚଳରୁ ଭାରତକୁ ଯାତ୍ରା କରିଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାୟ ପକ୍ଷରୁ ସୂଚନା ଦିଆଯିବା ସହ ଆସନ୍ତା କିଛିଦିନ ଭିତରେ କତାରରୁ ଭାରତକୁ ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ବିମାନ ଚଳାଚଳ ଆରମ୍ଭ କରିବ ବୋଲି ସୂଚନା ଦେଇଛି ମନ୍ତ୍ରଣାଳୟ । ଜନସାଧାରଣଙ୍କୁ ପରିସ୍ଥିତି ବାବଦରେ ସଚେତନ ରଖିବା ତଥା ଭାରତ ସରକାରଙ୍କ



ନିରନ୍ତର ଉଦ୍ୟମ ବିଷୟରେ ସୂଚନା ଦେବା ପାଇଁ ନିୟମିତ ଅପଡେଟ୍ ପ୍ରଦାନ କରି ଆସୁଛନ୍ତି ତୈଳ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ । ଏହି ପରିପ୍ରେକ୍ଷୀରେ ଆଜି ନ୍ୟାସନାଲ ମିଡିଆ ସେଂଟରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ଜାଳେଣି ଉପଲବ୍ଧତା, ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ଭାରତୀୟ ନାଗରିକଙ୍କୁ ସହାୟତା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ସାର ମନ୍ତ୍ରଣାଳୟ ମଧ୍ୟ ଏହି କ୍ଷେତ୍ରର ସ୍ଥିତି ସମ୍ପର୍କରେ ବିବରଣୀ ଦେଇଛନ୍ତି । ଦେଶରେ ଏବେ ପର୍ଯ୍ୟାପ୍ତ ସାର ଉପଲବ୍ଧ ରହିଛି । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଭାରତ ସରକାର ଚାଷୀଙ୍କ ଚାହିଦାକୁ ପୂରଣ କରିବା ପାଇଁ ଆବଶ୍ୟକତାଠାରୁ ଯୋଗାଣ ଜାରି ରଖିଥିବା ସାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଖାଲି ସେତିକି ନୁହେଁ, ଚାଷୀମାନଙ୍କୁ ସୁଲଭ ଦରରେ ସାର ଯୋଗାଇବା ପାଇଁ ସରକାର ଦେଇଥିବା ପ୍ରତିଶୃତିକୁ ମଧ୍ୟ ପାଳନ କରୁଛନ୍ତି । ଏହିକ୍ରମରେ ବିଶ୍ୱରେ ସାର ଦର ବୃଦ୍ଧି ପାଇଥିବା ବେଳେ ଭାରତରେ ଖୁଚୁରା ବିକ୍ରି ଦରରେ କୌଣସି ପ୍ରଭାବ ପଡ଼ି ନାହିଁ । ଆସନ୍ତୁ ନଜର ପକାଇବା ଦେଶରେ ମହଜୁଦ ଥିବା ସାର ପରିମାଣ ଉପରେ, ନିମ୍ନ ସାରଣୀରେ ସାର ପ୍ରକାର ଅନୁସାରେ ମହଜୁତ ଥିବା ପରିମାଣ ଓ ଗତ ବର୍ଷର ଏକ ତୁଳାନାତ୍ମକ ତଥ୍ୟ ଉପସ୍ଥାପନ କରାଗଲା ।

# କଲବଲ କରୁଛି ଅସହ୍ୟ ତାତି

## ଆସନ୍ତା ୨ ରୁ ୩ ଦିନ ଯାଏଁ ଆହୁରି ଜାଳିବ



ଭୁବନେଶ୍ୱର : ତାତି ସିଝାଇ ଦେଉଥିଲା । ଦେହ ପୋଡ଼ି ପକାଉଥିଲା । ଲାଗୁଥିଲା ଯେମିତି ପାଖରେ ନିଆଁ ପିଣ୍ଡୁଳା ଥୁଆ ହୋଇଛି । ଝାରସୁଗୁଡ଼ାରେ ତାପମାତ୍ରା ୪୪.୮ ଡିଗ୍ରୀ ସେଲସିୟସରେ ପହଂଚିଥିଲା । ଚଳିତ ଗ୍ରୀଷ୍ମଋତୁରେ ଏହା ଥିଲା ରେକର୍ଡ ତାତି । ରାଜ୍ୟର ୧୮ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ବା ଏହାଠାରୁ ଅଧିକ ଥିଲା । ଏଭଳି ଅସହ୍ୟ ତାତିରେ ପୂରା ପଶ୍ଚିମ ଓଡ଼ିଶାବାସୀ ଛଟପଟ ହୋଇଥିଲେ । ଆସନ୍ତା ୩୦ ତାରିଖରୁ ତାପମାତ୍ରା ୨ରୁ ୪ ଡିଗ୍ରୀ କମିବା ଯୋଗୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଗତ ୨୪ ତାରିଖରେ ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ଥିଲା । ଆଜି ପୁଣି ତାତି ରେକର୍ଡ ଛୁଇଁଛି । ଆସନ୍ତା ଦୁଇରୁ ତିନି ଦିନ ଯାଏ ତାପମାତ୍ରାରେ ପରିବର୍ତ୍ତନର ବିଶେଷ ସମ୍ଭାବନା ନାହିଁ । ୩୦ ତାରିଖ ବା ଗୁରୁବାରଠାରୁ ତାତି ୨ରୁ ୪ ଡିଗ୍ରୀ କମିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ୨ ତାରିଖ ଯାଏ ତାତି ସାମୟିକ ଭାବେ କମିପାରେ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି ।

# ଆଇପିଏଲ-୨୦୨୬ : ଦିଲ୍ଲୀ ବିପକ୍ଷରେ ବେଙ୍ଗାଲୁରୁ ୯ ୱିକେଟ୍‌ରେ ବିଜୟୀ



ନୂଆଦିଲ୍ଲୀ : ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମ୍‌ଦାର ପ୍ରଦର୍ଶନ କରିଛି । ବେଙ୍ଗାଲୁରୁ ଟିମ୍ ଏହି ମ୍ୟାଚ୍‌କୁ ୯ୱିକେଟ୍‌ରେ ଜିତିଛି । ଦିଲ୍ଲୀକୁ ପ୍ରଥମେ ୧୬.୩ ଓଭରରେ ୭୫ ରନ୍‌ରେ ଅଟକାଇଥିଲା । ପରେ ୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ୬.୩ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିଥିଲା । ବେଙ୍ଗାଲୁରୁ ୭୭ ରନ୍ ସଂଗ୍ରହ କରିଥିଲା । ପ୍ରାରମ୍ଭିକ ବ୍ୟାଟର ଜୋକୋବ ବେଥେଲ ବ୍ୟକ୍ତିଗତ ଭାବେ ୨୦ ରନ୍ ସଂଗ୍ରହ କରିଥିଲେ । ସେ ୧୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ । ବିରାଟ କୋହଲି ଅପରାଜିତ ୨୩ ରନ୍ ସଂଗ୍ରହ କରିଥିଲେ । ସେ ୧୫ଟି ବଲ୍ ଖେଳି ଗୋଟିଏ ଚେ?କା ଏବଂ ୨ଟି ଛକା ମାରିଥିଲେ । ସେହିପରି ଦେବଦୂତ ପଡ୍ଡିକଲ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୩୪ ରନ୍ ସଂଗ୍ରହ କରିଥିଲେ । ଦିଲ୍ଲୀ ପାଇଁ ସାହିଲ ପ୍ରକାଶ ଏବଂ କେଏଲ୍ ରାହୁଲ ଇନିଂସ ଆରମ୍ଭ କରିଥିଲେ । ଉଭୟ ବ୍ୟାଟର ବିପର୍ଯ୍ୟର ସାମ୍ନା କରିଥିଲେ । ସାହିଲ ଖାତା ଖୋଲି ପାରିନଥିଲା ବେଳେ କେଏଲ୍ ରାହୁଲ ମାତ୍ର ୧ ରନ୍ ସଂଗ୍ରହ କରି ପାଭିଲିଅନ୍‌କୁ ଫେରି ଆସିଥିଲେ । ସାହିଲ ୨ଟି ଏବଂ କେଏଲ୍ ରାହୁଲ ୩ଟି ବଲ୍ ସାମ୍ନା କରିଥିଲେ । ବେଙ୍ଗାଲୁରୁର ତୃତୀୟ ଏବଂ ଚତୁର୍ଥ ଶିକାର ଯଥାକ୍ରମେ ସମୀର ରିଜ୍‌ଭି (ଶୂନ୍ୟ ରନ୍) ଏବଂ ତିସ୍ତାନ ଷ୍ଟବ୍ (୫ରନ୍) ହୋଇଥିଲେ । ଦଳର ଆଗଧାଡ଼ିର ୪ଜଣ ଖେଳାଳି ଆଉଟ୍ ହେଲା ପରେ ମଧ୍ୟ ଅଧିନାୟକ ଅକ୍ଷର ପଟେଲ ଧୈର୍ଯ୍ୟର ସହିତ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ । ସେ ୩ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନଥିଲେ । ଯୁବ ଏବଂ ବିସ୍ଫୋରକ ବ୍ୟାଟର ନିତିଶ ରାଣା ମଧ୍ୟ ୯ଟି ବଲ୍ ଖେଳି ମାତ୍ର ୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ ।

# ଲମ୍ବା ଆଇପିଏଲ୍ ମ୍ୟାଚ୍ ନେଇ ଚିନ୍ତା ପ୍ରକଟ କଲେ ସୁନୀଲ ଗାଭାସ୍କର



ମୁମ୍ବାଇ : ଆଇପିଏଲ୍ ମ୍ୟାଚ୍ ଗୁଡ଼ିକ ଲମ୍ବା ହୋଇଯାଉଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତି ବ୍ୟାଟର ସୁନୀଲ ଗାଭାସ୍କର । ପଡ଼ିଆ ମଧ୍ୟରେ ଅଯଥା ଅନାବଶ୍ୟକ ଲୋକଙ୍କୁ ପ୍ରବେଶ କରିବା ଉପରେ କଠୋର କଟକଣା ଲାଗୁ କରିବାକୁ ସେ ପରାମର୍ଶ ଦେଇଛନ୍ତି । ୩ ଘଂଟା ମଧ୍ୟରେ ଏକ କ୍ରିକେଟ୍ ମ୍ୟାଚ୍ ଶେଷ କରିବାକୁ ଟ୍ୱେଂଟି-୨୦ର ପରିକଳ୍ପନା କରାଯାଇଥିଲା, କିନ୍ତୁ ଅଧିକାଂଶ ଆଇପିଏଲ୍ ମ୍ୟାଚ୍ ୩ ଘଂଟା ମଧ୍ୟରେ ଶେଷ ହେଉନାହିଁ । ଏପରିକି ସିଏସ୍‌କେ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏକ ମ୍ୟାଚ୍ ୪ ଘଂଟା ୨୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ପୁଣି ବିନା ସୁପରଓଭରରେ ଏହି ମ୍ୟାଚ୍‌ଟି ଏତେ ଲମ୍ବା ଚାଲିଥିଲା । ଏ ନେଇ ଗାଭାସ୍କର କହିଛନ୍ତି ଯେ ବିସିସିଆଇ ଏଥିରେ ହସ୍ତକ୍ଷେପ କରିବା ସହ ଠିକ୍ ସମୟରେ ମ୍ୟାଚ୍ ଶେଷ କରିବା ନେଇ କଡ଼ା ନିର୍ଦ୍ଦେଶ ଜାରି କରିବା ଉଚିତ୍ । ଷ୍ଟାଟର୍ଜିକ୍ ଟାଇମ୍‌ଆଉଟ୍ ଓ ପଡ଼ିଆରେ ଖେଳାଳି ଓ ଅମ୍ପାୟାରଙ୍କ ବ୍ୟତୀତ ଅନ୍ୟମାନଙ୍କ ଅନାବଶ୍ୟକ ପ୍ରବେଶକୁ ଦୂର କରାଯିବା ଉଚିତ୍ । “ ଦେଖାଯାଉଛି ଯେ ଷ୍ଟାଟର୍ଜିକ୍ ଟାଇମ୍‌ଆଉଟ୍‌ରେ ପ୍ରାୟ ଅଧଡଜନ ଲୋକ ପଡ଼ିଆରେ ପ୍ରବେଶ କରୁଛନ୍ତି । ଏପରିକି ବେଳେବେଳେ ଆଗକୁ ବ୍ୟାଟିଂ କରିବାକୁ ଆସିବାକୁ ଥିବା ବ୍ୟାଟର ବି ପଡ଼ିଆ ଭିତରେ ପ୍ରବେଶ କରୁଛନ୍ତି । ଦଳମାନେ ଦିଆଯାଇଥିବା ସ୍ୱାଧୀନତାର ଅପବ୍ୟବହାର କରୁଛନ୍ତି । ଏହାକୁ ବନ୍ଦ କରାଯିବା ଆବଶ୍ୟକ । କେବଳ ପାଣି ବୋତଲ ସହ ଦୁଇଜଣ ସଂରକ୍ଷିତ ଖେଳାଳି କିମ୍ବା ଦୁଇ ଜଣ ପ୍ରଶିକ୍ଷଣ କର୍ମୀଙ୍କୁ ପ୍ରବେଶ ଅନୁମତି ରହିବା ଆବଶ୍ୟକ” ସେ କହିଛନ୍ତି ।

# ମହିଳା ଟ୍ୱେଂଟି-୨୦ : ଦକ୍ଷିଣ ଆଫ୍ରିକାଠୁ ହାରିଲା ଭାରତ



ବେନୋନି : ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୧-୪ରେ ଟ୍ୱେଂଟି-୨୦ ଶୃଙ୍ଖଳା ହାରିଯାଇଛି । ସୋମବାର ପଂଚମ ତଥା ଶେଷ ଟ୍ୱେଂଟି-୨୦ରେ ଭାରତ ୨୩ ରନ୍‌ରେ ପରାଜିତ ହୋଇଛି । ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟିକା ଲେରା ଓଲ୍‌ଭାର୍ଟ (୫୬ ବଲ୍‌ରୁ ୯୨) ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା । ଭାରତ ପକ୍ଷରୁ ରେଣୁକା ସିଂହ, ଶ୍ରୀ ଚାରଣୀ ଓ ଦୀପ୍ତି ଶର୍ମା ୨ ଲେଖାଏଁ ୱିକେଟ୍ ନେଇଥିଲେ । ଜବାବରେ ଭାରତ ୩୮ ରନ୍‌ରେ ୩ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା । ଅଧିନାୟିକା ହରମନ୍‌ପ୍ରୀତ କେ?ର (୨୨), ଭାରତୀ ଫୁଲମାଳି (୪୦) ଓ ରିଚା ଘୋଷ (୨୫) ଲଢ଼ିଥିଲେ ମଧ୍ୟ ଦଳକୁ ବିଜୟ ଦେବାରେ ବିଫଳ ହୋଇଥିଲେ । ଭାରତ ୮ ୱିକେଟ୍ ହରାଇ ୧୩୨ ରନ୍ କରିଥିଲା । ଓଲ୍‌ଭାର୍ଟ ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**